**ସଂକ୍ଷେପରେ**

## ଗୋଶାଳାପଦା ଗୁଳିକାଣ୍ଡ ଘଟଣା, ୫ ଗିରଫ

**ବାଲେଶ୍ୱର ଅଫିସ,୨୦।୮:** ବାଲେଶ୍ୱର ସହର ସହଦେବଖୁଣ୍ଟା ଥାନା ଅଧୀନ ଗୋଶାଳାପଦାରେ ଅଗଷ୍ଟ ୧୪ ତାରିଖ ବିଳମ୍ବିତ ରାତିରେ ହୋଇଥିବା ସଂଘର୍ଷ ଓ ଗୁଳିକାଣ୍ଡ ଘଟଣାରେ ସହଦେବଖୁଣ୍ଟା ପୋଲିସ ୫ଜଣଙ୍କୁ ଗିରଫ କରି କୋର୍ଟଚାଲାଣ କରିଛି। ଗିରଫ ବ୍ୟକ୍ତିମାନେ ହେଲେ ଗଳାପୋଲ ଅଞ୍ଚଳର ସେକ ମୁକ୍ତାର (୨୫), ଅରଡ଼ବଜାର ଅଞ୍ଚଳର ସେକ ସିରାଜୁଲ (୨୬), ବସନ୍ତ ବେହେରା (୨୭), ତାରିକ ଅହମ୍ମଦ ଖାନ (୨୮) ଓ ଯାଦବପୁର ଅଞ୍ଚଳର ନନ୍ଦନ ଦାସ (୨୬)। ୧୪ ତାରିଖ ରାତିରେ ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଦୁଇ ଗୋଷ୍ଠୀ ମଧ୍ୟରେ ମାରପିଟ୍ ହୋଇଥିଲା। ଏଥିରେ ମାରପିଟ ସହ କେତେକ ଯୁବକ ଗୁଳି ଚାଳନା କରିଥିଲେ। ଗୁଳି ବାଜି ଗୋଶାଳାପଦାର ଅମିତ ସିଂ ଆହତ ହୋଇଥିଲେ। ତାଙ୍କ ଗୋଡ଼ରେ ଗୁଳି ବାଜିଥିଲା। ଅମିତ୍ ଚିକିତ୍ସିତ ହେଉଥିବାରୁ ତାଙ୍କ ଭାଉଜ ଚମ୍ପା ସିଂ ଅଭିଯୋଗ କରିବା ପରେ ପୋଲିସ ମାମଲା ରୁଜୁ କରି ତଦନ୍ତ ଚଳାଇଥିଲା। ତେବେ ଅନ୍ୟ ଅଭିଯୁକ୍ତମାନେ ଫେରାର ଥିବାରୁ ବନ୍ଧୁକ ଉଦ୍ଧାର ହୋଇ ପାରି ନାହିଁ। ତେବେ ମୁଖ୍ୟ ଅଭିଯୁକ୍ତ ରାଜା ଏଯାଏ ଫେରାର ଅଛି। ବ୍ରାଉନସୁଗାର ବ୍ୟବସାୟୀ ମୁଖ୍ୟ ଏହି ଗୁଳିକାଣ୍ଡର ମୁଖ୍ୟ କାର୍ପଟଦାର ବୋଲି ଜଣାଯାଇଛି।

## ଅପହୃତା ଉଦ୍ଧାର

**ବାଲିଆପାଳ, ୨୦।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାଲିଆପାଳ ଥାନା ଅନ୍ତର୍ଗତ ବିଷ୍ଣୁପୁର ଗ୍ରାମର ଦୀର୍ଘଦୀନ ଧରି ନିଖୋଜ ଥିବା ଜଣେ ନାବାଳିକାଙ୍କୁ ରବିବାର ବାଲିଆପାଳ ପୋଲିସ ଉଦ୍ଧାର କରିଛି। ନାବାଳିକା ଜଣଙ୍କ ହେଲେ ପଞ୍ଚୁପାଲି ପଞ୍ଚାୟତ ଅନ୍ତର୍ଗତ କାଳସିମୁଳୀ ଅଞ୍ଚଳର। ସେ ଗତ ମାର୍ଚ୍ଚ ମାସରୁ ନିଖୋଜ ଥିଲେ। ଏ ନେଇ ତାଙ୍କ ବାପାଙ୍କ ଅଭିଯୋଗ କ୍ରମେ ବାଲିଆପାଳ ଥାନାରେ ଏକ ମାମଲା ( ନଂ.୧୫୮/୧୮) ରୁଜୁ ହୋଇଥିଲା। ବିଷ୍ଣୁପୁର ଅଞ୍ଚଳର ଜଣେ ବ୍ୟକ୍ତିଙ୍କ ଘରେ ରହୁଥିବା ବିଶେଷ ସୂତ୍ରରୁ ଖବର ପାଇ ପୋଲିସ ଚଢ଼ାଉ କରି ନାବାଳିକାଙ୍କୁ ଉଦ୍ଧାର କରିଥିଲା। ସୋମବାର ଅଦାଲତରେ ହାଜର କରି ବୟାନ ରେକର୍ଡ଼ ପରେ ତାଙ୍କ ବାପାଙ୍କୁ ହସ୍ତାନ୍ତର କରାଯାଇଛି।

## ସାପ କାମୁଡ଼ାରେ ମହିଳା ମୃତ

**ବାଲିଆପାଳ,୨୦।୮(ଡି.ଏନ.ଏ.):** ବାଲିଆପାଳ ବ୍ଲକ ମେଣ୍ଢାପଡ଼ା ଗ୍ରାମରେ ସାପ କାମୁଡ଼ାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ଗ୍ରାମର ଅମିତା ପାତ୍ର (୪୨) ଗୋରୁଙ୍କ ପାଇଁ ନଡ଼ା ଆଣୁଥିବା ବେଳେ ଏକ ସାପ କାମୁଡ଼ିଦେଇଥିଲା। ପରିବାର ଲୋକେ ଡାକ୍ତରଖାନା ନେବାକୁ ପ୍ରସ୍ତୁତ ହେଲାବେଳକୁ ଅମିତାଙ୍କର ମୃତ୍ୟୁ ହୋଇଯାଇଥିଲା। ଖବର ପାଇ ବାଲିଆପାଳ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଶବ ବ୍ୟବଚ୍ଛେଦର ବ୍ୟବସ୍ଥା କରିଛି । ଅମିତାଙ୍କ ଦୁଇ ଛୋଟ ପୁଅ ଓ ପାରିବାରିକ ସ୍ଥିତି ଭଲ ନ ଥିବାରୁ ତୁରନ୍ତ ସରକାରୀ ସହାୟତା ଯୋଗାଇଦେବା ପାଇଁ ଜିଲା ପରିଷଦ ସଦସ୍ୟା ଅନୁପମା ସାହୁ ଓ ସାମାଜିକକର୍ମୀ ବିମଳ ସାହୁ ବାଲିଆପାଳ ବିଡିଓ ଓ ତହସିଲଦାରଙ୍କ ନିକଟରେ ଦାବି ଉପସ୍ଥାପନ କରିଛନ୍ତି।

## ଅପହରଣର ୧୯ ଦିନ ପରେ ନାବାଳିକା ଉଦ୍ଧାର

**ସିମୁଳିଆ,୨୦।୮(ଡି.ଏନ୍.ଏ.):** ବାଲେଶ୍ୱର ଜିଲା ସିମୁଳିଆ ବ୍ଲକ ବାଳିକଣା ଅଞ୍ଚଳର ଜଣେ ୧୫ବର୍ଷିୟା ନାବାଳିକାଙ୍କୁ ଅପହରଣର ୧୯ଦିନ ପରେ ପୋଲିସ ରବିବାର ରାତିରେ ଉଦଳା ଅଞ୍ଚଳରୁ ଠାବ କରିଛି। ଅପହରଣକାରୀ ଯୁବକଙ୍କୁ ପୋଲିସ ଅଟକ ରଖି ପଚରାଉଚୁରା କରୁଛି। ନାବାଳିକାଙ୍କୁ ସୋର ବିଚାର ବିଭାଗୀୟ ମାଜିଷ୍ଟ୍ରେଟଙ୍କ ନିକଟରେ ହାଜର ଓ ଡାକ୍ତରୀମାଇନା ପାଇଁ ସୋର ମହିଳା ଆଶ୍ରୟସ୍ଥଳୀରେ ରଖାଯାଇଛି। ନାବାଳିକାଙ୍କ ଓ ତାଙ୍କ ମା' ଏକାକୀ ବିଲ ମଧ୍ୟରେ ଥିବା ଏକ ଘରେ ରୁହନ୍ତି। ତେବେ ଗତ ୧ତାରିଖରେ ତାଙ୍କ ମା'ମନ୍ଦିରକୁ ଯାଇ ଫେରିବା ପରେ ଝିଅକୁ ଘରେ ଦେଖିବାକୁ ପାଇ ନ ଥିଲେ। ମଇତାପୁର-କଇଁଗଡିଆ ଅଞ୍ଚଳର ଜଣେ ଯୁବକ ତାଙ୍କ ଝିଅକୁ ଅପହରଣ କରିନେଇଥିବା ଖବର ପାଇ ସେ ତାଙ୍କ ଘରେ ପହଞ୍ଚିଥିଲେ। ହେଲେ ପୁଅ ବିଷୟରେ ତାଙ୍କ ଘରଲୋକ କୌଣସି ସୂଚନା ଦେଇପାରି ନ ଥିଲେ। ଏ ସମ୍ପର୍କରେ ଗତ ୩ ତାରିଖରେ ଉକ୍ତ ଯୁବକଙ୍କ ନାମରେ ନାବାଳିକାଙ୍କ ମା' ଥାନାରେ ଅଭିଯୋଗ କରିଥିଲେ।

# ଚିଟ୍‌ଫଣ୍ଡ ପରେ ଆଉ ଏକ କାରନାମା

- ୨୦ରୁ ଅଧିକ ଜାଲ୍ ଇନ୍‌ସ୍ୟୁରାନ୍ସ ବ୍ରୋକର ହାଉସ୍
- ବିଭିନ୍ନ ଦମ୍ପତିଙ୍କୁ ଡାକି ବୀମା ଲାଗି ପ୍ରରୋଚିତ କରାଯାଉଛି
- ଲକି ଡ୍ର' ଆଳରେ ଚାଲିଛି ଠକେଇ କାରବାର

**ବାଲେଶ୍ୱର ଅଫିସ, ୨୦।୮**

ବୀମା ସୁବିଧା ଯୋଗାଇ ଦେବା ନାଁରେ କେତେକ ଏଜେଣ୍ଟ ଲୋକଙ୍କଠାରୁ ଲକ୍ଷାଧିକ ଟଙ୍କା ଠକି ନେବା ଘଟଣା ବାଲେଶ୍ୱର ଜିଲାରେ ପଦାକୁ ଆସିଛି। କେତେକ ଏଜେଣ୍ଟ ନିଜକୁ ବ୍ରୋକର ହାଉସ୍ କର୍ମଚାରୀ ବୋଲି ପରିଚୟ ଦେଇ ବିନା ସାଇନବୋର୍ଡ଼ରେ କାର୍ଯ୍ୟାଳୟ ଖୋଲି ଲୋକଙ୍କଠାରୁ ବୀମା ବାବଦକୁ ଟଙ୍କା ଆଦାୟ କରି ଚାଲିଛନ୍ତି। ଚିଟ୍‌ଫଣ୍ଡ ଠକେଇ ପରେ ବୀମା, ନାମୀଦାମୀ ସାମଗ୍ରୀର ମାର୍କେଟିଂ ଓ ଲକି ଡ୍ର' ନାଁରେ ଠକେଇ କାରବାର ହେଉଥିବା ପୋଲିସରେ ଅଭିଯୋଗ ହେବା ପରେ ଏଭଳି କଳା କାରନାମା ଚର୍ଚ୍ଚାକୁ ଆସିଛି। ଉଲ୍ଲେଖନୀୟ ଯେ, ବାଲେଶ୍ୱର ସହର ଉପକଣ୍ଠ ସହଦେବଖୁଣ୍ଟା ଥାନା ଅଞ୍ଚଳରେ ଥିବା ଏବି ବ୍ରୋକର ହାଉସର କର୍ମଚାରୀ ଜଣେ ଗ୍ରାହକଙ୍କଠାରୁ ୨୫, ୮୦୦ଟଙ୍କାର ନୂତନ ଜୀବନବୀମା ପଲିସି କରାଇଦେବାକୁ କହି ଟଙ୍କା ହଡ଼ପ କରିଥିବା ଅଭିଯୋଗ ହେବା ପରେ ଏନେଇ ସମ୍ପୃକ୍ତ କମ୍ପାନୀ କର୍ତ୍ତୃପକ୍ଷ ଏକ ମାମଲା ରୁଜୁ କରିଛନ୍ତି। କମ୍ପାନୀର ଭୁବନେଶ୍ୱର ଶାଖା କାର୍ଯ୍ୟାଳୟ ପକ୍ଷରୁ ସେଠାକାର ଏସ୍‌ଡିଜେଏମ୍‌ଙ୍କ କୋର୍ଟରେ ଏହି ମାମଲା (ନଂ. ୩୧୨୬/୧୮) ରୁଜୁ ହୋଇଛି। ଟଙ୍କା ହଡ଼ପ କରିଥିବା କର୍ମଚାରୀ ଉତ୍ତରଓଡ଼ିଶାର ବିଭିନ୍ନ ସ୍ଥାନରୁ ଏଭଳି ଠକେଇ କାରବାର କରି ଲକ୍ଷାଧିକ ଟଙ୍କା ହଡ଼ପ କରିଥିବା ଅଭିଯୋଗ ହୋଇଛି। ଏହା ମଧ୍ୟରେ ଉକ୍ତ କର୍ମଚାରୀ ଅନ୍ୟ ଏକ ଫାଇନାନ୍ସ କମ୍ପାନୀରେ କାର୍ଯ୍ୟ କରୁଥିବା ଜଣାପଡିଛି।

ସମ୍ପ୍ରତି ବାଲେଶ୍ୱର ସହରରେ ୧୫ରୁ ୨୦ଟି ବ୍ରୋକର ହାଉସ ଖୋଲାଯାଇଥିବା ସୂଚନା ମିଳିଛି। ଏସବୁ ସଂସ୍ଥାରେ କର୍ମଚାରୀ ଭାବେ କାର୍ଯ୍ୟ କରୁଥିବା କେତେକ ଯୁବତୀଯୁବକ ଦାମୀ ପୋଷାକ ପିନ୍ଧି ଇଂରାଜୀ ଏବଂ ହିନ୍ଦୀ ଭାଷା ସହ ଖଣ୍ଟି ଓଡ଼ିଆ କହି ଗ୍ରାମାଞ୍ଚଳ ଲୋକଙ୍କୁ ଇନ୍‌ସ୍ୟୁରାନ୍ସ ଲୋଭ ଦେଖାଇ ଲୁଟ୍ କରୁଛନ୍ତି। କେତେକ କର୍ମଚାରୀ ଲୋକଙ୍କ ମୋବାଇଲ ନମ୍ବର ଏବଂ ଠିକଣା ଯୋଗାଡ଼ କରିବା ପରେ କୌଣସି ନାମୀଦାମୀ ସାମଗ୍ରୀର ମାର୍କେଟିଂ ପାଇଁ ଲକି ଡ୍ର ଆଳରେ ପେଟ୍ରୋଲପମ୍ପ ଏବଂ ଜନସମାଗମ ସ୍ଥାନରେ ପହଞ୍ଚି ଲୋକଙ୍କଠାରୁ ଫର୍ମ ପୂରଣ କରାଇ ନେଉଛନ୍ତି। ପରେ ସେମାନଙ୍କ ଲକି ଡ୍ର ଉଠିଥିବା କହି ସେମାନେ ଗ୍ରାହକଙ୍କୁ ସସ୍ତ୍ରୀକ ଅଫିସ୍‌କୁ ଆସିବାକୁ ନିମନ୍ତ୍ରଣ କରୁଛନ୍ତି। ପରେ ସେଠାରେ କାଉନସେଲିଂ ଆଳରେ ସେମାନଙ୍କ ଆର୍ଥିକ ରୋଜଗାର ଏବଂ ଗଚ୍ଛିତ ପାଣ୍ଠି ସମ୍ପର୍କରେ ତଥ୍ୟ ସଂଗ୍ରହ କରି ଇନ୍‌ସ୍ୟୁରାନ୍ସ କରିବା ଏବଂ ବିଭିନ୍ନ ସ୍ଥାନକୁ ଗସ୍ତରେ ଯିବା ଲାଗି ପ୍ରବର୍ତ୍ତାଯାଉଛି। ଏଭଳି ଭାବେ ସେମାନେ ଗ୍ରାହକଙ୍କ ନିକଟରୁ ଟଙ୍କା ଆଦାୟ କରି ମାଲେମାଲ୍ ହେଉଛନ୍ତି। ଏପରିକି ଇନ୍‌ସ୍ୟୁରାନ୍ସ ନ କରାଇ କେତେକ ଗ୍ରାହକଙ୍କଠାରୁ ଟଙ୍କା ହଡପ କରାଯାଇଛି। ଏଭଳି ଏକ ଘଟଣା ସମ୍ପର୍କରେ ସହଦେବଖୁଣ୍ଟା ଥାନାରେ ମଧ ଅଭିଯୋଗ ହୋଇଥିବା ଜଣାପଡିଛି। ହେଲେ ପୋଲିସ ଓ ପ୍ରଶାସନ ଏ ଦିଗରେ ନୀରବଦ୍ରଷ୍ଟା ସାଜିବା କାରଣରୁ ଅନେକ ନିରୀହ ଲୋକ ଠକେଇର ଶିକାର ହେଉଛନ୍ତି। ଉଭୟ ସହର ଓ ଗ୍ରାମାଞ୍ଚଳରେ ଦିନକୁ ଦିନ ଏଭଳି ଠକେଇ କାରବାର ବଢିଚାଲିଛି। ବିନା ଟ୍ରେଡ୍ ଏବଂ ଲାଇସେନ୍ସରେ ବାଲେଶ୍ୱର ସହରର ବିଭିନ୍ନ ସ୍ଥାନରେ ଏଭଳି ଅଫିସ୍ କାର୍ଯ୍ୟ କରୁଥିବା ବେଳେ ଜିଲା ପ୍ରଶାସନ କିମ୍ବା ପୋଲିସ ନିକଟରେ କିଛି ଖବର ନ ଥିବା କୁହାଯାଉଥିବାରୁ ସଚେତନ ନାଗରିକମାନେ ଉଦ୍‌ବେଗ ପ୍ରକାଶ କରିଛନ୍ତି।

## ନିଶା ନିବାରଣ ଲାଗି ମହିଳା ସମାବେଶ


ସମାବେଶରେ ସାମିଲ ମହିଳା।

**ବସ୍ତା, ୨୦।୮ (ସ୍ୱ.ପ୍ର.)**

ବସ୍ତା ବ୍ଲକ ପାଉଁଶକୁଲିଠାରେ ରବିବାର ନିଶା ନିବାରଣ ଅଭିଯାନ ପରିପ୍ରେକ୍ଷୀରେ ମହିଳାଙ୍କ ବିଶାଳ ସମାବେଶ ଅନୁଷ୍ଠିତ ହୋଇଥିଲା। ମୋନା, ମା'ଘର ଓ ଜଳେଶ୍ୱର ବିକାଶ ମଞ୍ଚର ମିଳିତ ପ୍ରଚେଷ୍ଟାରେ ହୋଇଥିବା ଏହି କାର୍ଯ୍ୟକ୍ରମରେ ମୋନାର ରାଜ୍ୟ ସମ୍ପାଦକ ରମାକାନ୍ତ ମଣ୍ଡଳ, ଯୁଗ୍ମ ସମ୍ପାଦିକା ଅପର୍ଣ୍ଣା ନାୟକ, ଜିଲା ସଭାପତି ଆଇନଜୀବୀ ପ୍ରଭାକର ସାହୁ, ଜିଲା ସମ୍ପାଦିକା ମମତା ମହାପାତ୍ର, ବ୍ଲକ ସଂଯୋଜକ ଦିଲୀପ ଗିରି, ଡ. ଅଦ୍ୱୈତ ପାତ୍ର, ମା'ଘର ସଭାନେତ୍ରୀ ଜ୍ୟୋସ୍ନା ମହାନ୍ତି, ସୁକାନ୍ତୀ ଭକ୍ତା, ଜଳେଶ୍ୱର ବିକାଶ ମଞ୍ଚ ସମ୍ପାଦକ ପଦ୍ମଲୋଚନ ବେହେରା, ଉପସଭାପତି ସଂଗ୍ରାମ କେଶରୀ ବେହେରା, ରବୀନ୍ଦ୍ର ଭଞ୍ଜ, ପ୍ରଦୀପ ପ୍ରଧାନ ଓ ଜଗଦୀଶ ଜେନା ପ୍ରମୁଖ ସମସ୍ତ ପ୍ରକାର ନିଶା କାରବାର ହଟାଇବା ପାଇଁ ଆହ୍ୱାନ ଦେଇଥିଲେ। ଶେଷରେ ମଦ ବିରୋଧୀ ଆନ୍ଦୋଳନ ପନ୍ଥା ଗ୍ରହଣ କରିବାକୁ ସଂକଳ୍ପ ନିଆଯାଇଥିଲା।

## 'ଲୋକଙ୍କ ସହ ରୁହ, ସମସ୍ୟା ବୁଝ'


କୁପାରିରେ ବିଜେଡି ନେତୃବୃନ୍ଦ।

**ଖଇରା,୨୦।୮ (ଡି.ଏନ୍.ଏ.)**

ଆସନ୍ତା ନିର୍ବାଚନ ପୂର୍ବରୁ ସାଙ୍ଗଠନିକ ଆଲୋଚନା ଲାଗି ସୋମବାର ଖଇରା ବ୍ଲକର କୁପାରୀସ୍ଥିତ ଅମ୍ବିକା ମନ୍ଦିର ପରିସରରେ ବିଜେଡିର ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି । ବ୍ଲକ ବିଜେଡି ସଭାପତି ବ୍ରଜ କିଶୋର ମହାନ୍ତି ଅଧ୍ୟକ୍ଷତା କରିଥିଲେ। ବାଲେଶ୍ୱର ଜିଲା ସଭାପତି ତଥା ଏମ୍‌ପି ରବୀନ୍ଦ୍ର ଜେନା, ଭଦ୍ରକ ଏମ୍‌ପି ଅର୍ଜୁନ ଚରଣ ସେଠୀ, ଜିଲା ପର୍ଯ୍ୟବେକ୍ଷକ ଅତନୁସବ୍ୟସାଚୀ ନାୟକ, ସିମୁଳିଆ ବିଧାୟକ ଜ୍ୟୋତି ପ୍ରକାଶ ପାଣିଗ୍ରାହୀ, ସିମୁଳିଆ ଓ ଖଇରା ପାଇଁ ନିଯୁକ୍ତ ପର୍ଯ୍ୟବେକ୍ଷକ ପ୍ରଦୀପ ଜେନା ଓ ସୁଶୀଲ ନାୟକ ପ୍ରମୁଖ ସଂଗଠନ ସମ୍ପର୍କିତ ପ୍ରସଙ୍ଗରେ ଆଲୋଚନା କରିଥିଲେ। ଲୋକ ପ୍ରତିନିଧିମାନେ ଜନତାଙ୍କ ସହ ଯୋଡିହୋଇ ରୁହନ୍ତୁ । ତାଙ୍କର ପ୍ରତ୍ୟେକଟି ସମସ୍ୟାର କିଭଳି ସମାଧାନ ହୋଇପାରିବ ସେ ଦିଗରେ ଯତ୍ନବାନ ହେବା ଦରକାର। ଅସନ୍ତୁଷ୍ଟ ପରିବାରକୁ ଦଳକୁ ଆଣିବା ପ୍ରତି ଧ୍ୟାନଦେଇ ପ୍ରତ୍ୟେକ ଲୋକ ପ୍ରତିନିଧି ୫ରୁ ୨୦ଟି ପରିବାରକୁ ଭେଟିବା ଦରକାର। ଲୋକପ୍ରତିନିଧି, ପ୍ରଶାସନ ଓ ଜନସାଧାରଣଙ୍କ ମଧ୍ୟରେ ସୁସମ୍ପର୍କ ରହିଲେ ଯୋଜନାର ସଫଳତା ଲୋକଙ୍କ ନିକଟରେ ପହଞ୍ଚି ପାରିବ ବୋଲି ନେତୃବୃନ୍ଦ ପ୍ରକାଶ କରିଥିଲେ । ବିଜୁ ଯୁବ ଜନତା ସଭାପତି ମୁକ୍ତିକାନ୍ତ ସ୍ୱାଇଁ, ଛାତ୍ର ଜନତା ସଭାପତି ମାନସ ଦାସ, ମହିଳା ନେତ୍ରୀ ଛବିଳତା ମହାପାତ୍ର, ଜୟନ୍ତୀ ପତି ଓ ୩୭ଟି ପଞ୍ଚାୟତର ଲୋକ ପ୍ରତିନିଧି, ସାଂଗଠନିକ କର୍ମକର୍ତ୍ତା ମାନେ ଯୋଗ ଦେଇଥିଲେ । ଏହି ଅବସରରେ ନେତୃବୃନ୍ଦ କୁପାରୀରେ ପହଞ୍ଚିବାପରେ କୁପାରୀ ସରପଞ୍ଚ ଭବଜ୍ୟୋତ୍ସ୍ନା ନାୟକ ଓ ବ୍ଲକ ଉପାଧ୍ୟକ୍ଷ ଜୟନ୍ତ କୁମାର ରାଉତଙ୍କୁ ସମ୍ବର୍ଦ୍ଧନା ଦିଆଯାଇଥିଲା।

**ପ୍ରତିଶ୍ରୁତି ପୂରଣ ହେଲାନି**

## ଶିକ୍ଷକଙ୍କୁ ଅନ୍ୟତ୍ର ବଦଳି ଦାବିରେ ପୁଣି ଧାରଣା

**ବାହାନଗା, ୨୦।୮(ଡି.ଏନ.ଏ.)**

ବାଲେଶ୍ୱର ଜିଲା ବାହାନଗା ବ୍ଲକ ଖନ୍ତାପଡା ଉଚ୍ଚ ବିଦ୍ୟାଳୟରେ ନବନିଯୁକ୍ତି ପ୍ରଧାନଶିକ୍ଷକଙ୍କୁ ବଦଳି ଦାବିରେ ପୂର୍ବରୁ ଧାରଣା ଦିଆଯାଇଥିଲା। ଧାରଣା ୪ଦିନ ଚାଲିବା ପରେ ବାଲେଶ୍ୱର ଏମ୍‌ପି ରବୀନ୍ଦ୍ର ଜେନା ଏଥିରେ ହସ୍ତକ୍ଷେପ କରି ଏ ଦିଗରେ ପଦକ୍ଷେପ ନେବେ ବୋଲି ପ୍ରତିଶ୍ରୁତି ଦେବା ପରେ ଧାରଣା ପ୍ରତ୍ୟାହୃତ ହୋଇଥିଲା। ହେଲେ ପ୍ରତିଶ୍ରୁତି କାର୍ଯ୍ୟକାରୀ ନ ହେବାରୁ ସୋମବାର କ୍ରିୟାନୁଷ୍ଠାନ କମିଟି ଓ ଅଭିଭାବକମାନେ ପୁଣି ଧାରଣାରେ ବସିଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଧାରଣା ଚାଲୁ ରହିବ ବୋଲି ସେମାନେ କହିଛନ୍ତି। ଲଳିତ କୁମାର ପାଣିଗ୍ରାହୀ, ସୁଧୀର ଚନ୍ଦ୍ର ନାୟକ, ଦିଲୀପ କୁମାର ଦାସ, ସୌଦାମଣି ଜେନା, ରଞ୍ଜିତ ଶତପଥି, ଦେବେନ୍ଦ୍ର ଦାସ, ଅରବିନ୍ଦ ସାହୁ, ବୈଦ୍ୟନାଥ ଓଝା, ରିତାଞ୍ଜଳି ମଳିକ, ବସନ୍ତ କୁମାର ମଳିକ ପ୍ରମୁଖ ଧାରଣାର ନେତୃତ୍ୱ ନେଇଛନ୍ତି।

## 'ସୁସ୍ଥ ଜୀବନଯାପନ ସମୟର ଆହ୍ୱାନ'



କଲେଜ ପରିସରରେ ଆୟୋଜିତ ଆଲୋଚନାଚକ୍ରରେ ଉପସ୍ଥିତ ଅତିଥି।

**'ଗ୍ରୀନ୍ କେମେଷ୍ଟ୍ରି' ଆଲୋଚନାଚକ୍ର**

**ବାଲେଶ୍ୱର ଅଫିସ, ୨୦।୮**

ବାଲେଶ୍ୱରସ୍ଥିତ ସୁଲଗ୍ନା ଡିଗ୍ରୀ କଲେଜ ପରିସରରେ 'ଗ୍ରୀନ୍ କେମେଷ୍ଟ୍ରୀ' ଶୀର୍ଷକ ଆଲୋଚନାଚକ୍ର ସୋମବାର ଅନୁଷ୍ଠିତ ହୋଇଯାଇଛି। ସୁଲଗ୍ନା ଗ୍ରୁପ୍‌ର ଚେୟାରମ୍ୟାନ ଘନଶ୍ୟାମ ବିଶ୍ୱାଳ ଏହାକୁ ଉଦ୍‌ଘାଟନ କରିଥିଲେ। ସୁଲଗ୍ନା କ୍ୟାମ୍ପସକୁ ଖୁବ୍‌ଶୀଘ୍ର ପ୍ଲାଷ୍ଟିକ୍ ମୁକ୍ତ କରିବା ପାଇଁ ଉଦ୍ୟମ ଆରମ୍ଭ ହେବ ବୋଲି ଘୋଷଣା କରାଯାଇଥିଲା। ପ୍ରଫେସର ଡ. ତନ୍ମୟ ଦାଶ ଏବଂ ଡ. ଗିରିଧାରୀ ପୃଷ୍ଟି ଉପସ୍ଥିତ ଛାତ୍ରୀଛାତ୍ରଙ୍କୁ ଉଦ୍‌ବୋଧନ ଦେଇ କହିଥିଲେ ସୁସ୍ଥ ଜୀବନଯାପନ ବର୍ତ୍ତମାନ ସମୟର ବଡ ଆହ୍ୱାନ। ଏଥିଲାଗି ବିଷାକ୍ତ ଓ ହାନିକାରକ ରାସାୟନିକ ପଦାର୍ଥ ବ୍ୟବହାର ପରିବର୍ତ୍ତେ ଇକୋ-ଫ୍ରେଣ୍ଡଲି-ନନ୍ ଟକ୍ସିକ୍ ପଦାର୍ଥ ବ୍ୟବହାର କରିବା ଅତି ଜରୁରୀ ହୋଇପଡିଛି। ହାନିକାରକ ରାସାୟନିକ ପଦାର୍ଥ ସୁସ୍ଥ ଜୀବନଯାପନରେ ପ୍ରଧାନ ଅନ୍ତରାୟ ସୃଷ୍ଟି କରୁଛି ବୋଲି ସେମାନେ ଦର୍ଶାଇଥିଲେ। ରସାୟନ ବିଜ୍ଞାନ ବିଭାଗର ମୁଖ୍ୟ ଅଧ୍ୟାପିକା ସୁଚିସ୍ମିତା ସାହୁ, ଅମିତ୍ ଜେନା ଓ ଜ୍ୟୋତିରେଖା ଜେନା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ପ୍ରାଣୀ ବିଜ୍ଞାନ ବିଭାଗ ଅଧ୍ୟାପିକା ଲିପ୍ସା ଦାସ 'ଗ୍ରୀନ୍ କେମେଷ୍ଟ୍ରି' ଆଲୋଚନା ଓ ସ୍ଲାଇଡ୍ ଶୋ' ପ୍ରଦର୍ଶନ ଉପରେ ଆଲୋକପାତ କରିଥିଲେ। ଯୁକ୍ତ୩ ଦ୍ୱିତୀୟ ଓ ତୃତୀୟ ବର୍ଷର ଛାତ୍ରୀଛାତ୍ରଙ୍କ ମଧ୍ୟରୁ ପ୍ରିୟମ୍, ଭାଗ୍ୟଶ୍ରୀ, ପ୍ରିୟଙ୍କା, ସୁଶ୍ରୀ, ଅଙ୍କିତା, ଶ୍ରୁତି, ଉତ୍କଳୀକା ପ୍ରମୁଖ 'ଗ୍ରୀନ୍ କେମେଷ୍ଟ୍ରି' ର ବିବିଧ ପ୍ରୟୋଗ ବିଷୟରେ ବକ୍ତବ୍ୟ ରଖିଥିଲେ।

## ପାଣି ନିଷ୍କାସନ ଦାବିରେ ରାସ୍ତାରୋକୋ


ଗ୍ରାମବାସୀଙ୍କ ଦ୍ୱାରା ରାସ୍ତାରୋକୋ।

**ଭୋଗରାଇ, ୨୦।୮ (ଡି.ଏନ.ଏ.):** ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଅଧୀନ ନାରାଣମହାନ୍ତି ପଡ଼ିଆ ଗ୍ରାମ ଧାନ ଚାଷ ଜମିରେ ଉଦ୍‌ବୃତ୍ତ ବର୍ଷାଜଳ ନିଷ୍କାସନ ଦାବିରେ ଶତାଧିକ ଗ୍ରାମବାସୀ ସୋମବାର ପୂର୍ବାହ୍ନ ୮ଟାରୁ ଅପରାହ୍ନ ୨ଟା ୫୦ ମିନିଟ୍ ପର୍ଯ୍ୟନ୍ତ କୀର୍ତ୍ତନିଆ ମୁଖ୍ୟରାସ୍ତାରେ କାଠଗଣ୍ଡି ପକାଇ ରାସ୍ତା ଅବରୋଧ କରିଥିଲେ। ଗ୍ରାମବାସୀଙ୍କ ରାସ୍ତାରୋକୋ ଯୋଗୁ ପ୍ରସିଦ୍ଧ ଶୈବପୀଠ ଭୁଷଣ୍ଡେଶ୍ୱର ଜୀଉ ଏବଂ କୀର୍ତ୍ତନିଆପାହି ଅଞ୍ଚଳକୁ ଯାଉଥିବା ଯାତ୍ରୀ ଓ ଯାନବାହନ ଚଳାଚଳ ବାଧାପ୍ରାପ୍ତ ହୋଇଥିଲା।

ନାରାଣମହାନ୍ତି ପଡ଼ିଆ ଓ ଚନ୍ଦ୍ରାବାଲି ଗ୍ରାମର ବହୁ ଚାଷୀ ଧାନ ଚାଷ କରିଥିଲେ। ଲଘୁଚାପଜନିତ ପ୍ରବଳ ବର୍ଷାରେ ୧ହଜାରରୁ ଉର୍ଦ୍ଧ୍ୱ ଧାନ ଚାଷ ଜମିରେ ବର୍ଷା ପାଣି ଜମି ରହିଛି। ଉକ୍ତ ଗ୍ରାମର ଏକ ନମ୍ବର ପୋଖରୀଠାରୁ ନଦୀ ପାଖକୁ ସଂଯୋଗ କରୁଥିବା ଡ୍ରେନେଜ୍ ପୋତି ହୋଇ ପଡ଼ିଥିବାରୁ ପାଣି ନିଷ୍କାସନରେ ବାଧା ଉପୁଜିଛି। ଅବିଳମ୍ବେ ଏହି ଡ୍ରେନେଜ୍‌କୁ ଖୋଳାଯାଇ ପାଣି ନିଷ୍କାସନ କରିବାକୁ ଗ୍ରାମବାସୀ ରାସ୍ତା ଅବରୋଧ କରିଥିଲେ। ଘଟଣାସ୍ଥଳକୁ ଭୋଗରାଇ ବିଡ଼ିଓ, ତହସିଲଦାର ପହଞ୍ଚି ଆନ୍ଦୋଳନକାରୀଙ୍କୁ ଦାବି ସମ୍ପର୍କରେ ଅବଗତ ହେବା ସହ ପ୍ରତିଶ୍ରୁତି ଦେବା ପରେ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା।

## ମେଶିନ୍‌ରେ ହାତ କଟିଲା

**ଖଇରା,୨୦।୮:** ଖଇରା ବ୍ଲକ କୋଚିଆକୋଇଲି ଗ୍ରାମରେ ଥିବା ଏକ ତେଲପେଡା ମେଶିନକୁ ତେଲ ପେଡିବାକୁ ଯାଇଥିବା ତାପସ ଜେନା(୨୫) ଙ୍କ ହାତ ଡାହାଣପଟ କାନ୍ଧରୁ ସମ୍ପୂର୍ଣ୍ଣ ଛିଡିଯାଇଛି। ଚିକିତ୍ସାପାଇଁ ତାଙ୍କୁ କଟକ ସ୍ଥାନାନ୍ତର କରାଯାଇଛି। ତାଙ୍କ ଘର ଖଇରା ପଞ୍ଚାୟତ ଅଧୀନ ବଣପାରିଆ ଗ୍ରାମରେ। ସୋମବାର ସକାଳେ ମେଶିନକୁ ଯାଇଥିବାବେଳେ ସେ ଏହି ଦୁର୍ଘଟଣାର ସମ୍ମୁଖୀନ ହୋଇଥିଲେ। ସେ ଅତ୍ୟନ୍ତ ଗରୀବ ଶ୍ରେଣୀର ବ୍ୟକ୍ତି ହୋଇଥିବାରୁ ତାଙ୍କ ଅସ୍ତ୍ରୋପଚାର ପାଇଁ ଆର୍ଥୀକ ସହାୟତା ଯୋଗାଇ ଦେବାକୁ ଗ୍ରାମବାସୀ ଦାବି କରିଛନ୍ତି ।

# ଗ୍ରାମ୍ୟ ଉନ୍ନୟନ ବିଭାଗର ସରଜମିନ ତଦନ୍ତ

**ରାସ୍ତା ନିର୍ମାଣ ନେଇ ବିବାଦ**

**ରସାଲପୁର, ୨୦।୮(ଡି.ଏନ.ଏ.)**

ରେମୁଣା ବ୍ଲକ ଖନ୍ତାପଡ଼ା ଥାନା ଅଧୀନ ଖାନ୍‌ନଗର ଓ ବରୁଣସିଂ ପଞ୍ଚାୟତରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ୧୭ କି.ମି. ଗ୍ରାମ୍ୟ ରାସ୍ତା ନିର୍ମାଣ ନେଇ ବିବାଦ ଲାଗି ରହିଛି। ବିଭାଗୀୟ ଅଧିକାରୀ ଏବଂ ବିଧାୟକ ସୋମବାର ଏହାର ତଦନ୍ତ କରି ସମାଧାନ ପାଇଁ ଉଦ୍ୟମ କରିଛନ୍ତି।

ରେମୁଣା ନିର୍ବାଚନମଣ୍ଡଳୀ ଅନ୍ତର୍ଗତ ଖାନ୍‌ନଗର ଓ ବରୁଣସିଂ ପଞ୍ଚାୟତରେ ଜିଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପକ୍ଷରୁ ବରୁଣସିଂରୁ ପୁରୁଷୋତ୍ତମପୁର ଗ୍ରାମର ତାରିଣୀ ମନ୍ଦିର ଭାୟା ଉତ୍ତରଚକ ୧୭ କି.ମି. ଗ୍ରାମ୍ୟ ରାସ୍ତା ନିର୍ମାଣ ପାଇଁ ୨କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମଞ୍ଜୁର ହୋଇଥିଲା। ଅଜିଦ୍ ଘଡ଼େଇଙ୍କୁ ଏହାର କାର୍ଯ୍ୟାଦେଶ ଦିଆଯାଇଥିଲା। ମାତ୍ର ଉତ୍ତରଚକ ନିକଟରେ ପ୍ରାୟ ୫୦୦ ମିଟର ରାସ୍ତାରେ ପିଚୁ କାମ ଅଦ୍ୟାବଧି ପୂର୍ଣ୍ଣାଙ୍ଗ ହୋଇପାରିନାହିଁ। କାଳିଆ ଦଳେଇ ନାମକ ବ୍ୟକ୍ତିଙ୍କର ପ୍ଲଟ୍ ନଂ ୮୦୪ ଉପରେ ସରକାରୀ ରାସ୍ତା ନିର୍ମାଣ ହେଉଥିବା ସେ ଆପତ୍ତି କରିଥିଲେ।


ଅଧିକ୍ଷଣ ଯନ୍ତ୍ରୀ, ରେମୁଣା ବିଧାୟକ ଗୋବିନ୍ଦ ଦାସ ଗ୍ରାମବାସୀଙ୍କ ସହ ଆଲୋଚନା କରୁଛନ୍ତି।

ଏ ସମ୍ପର୍କରେ ସୋମବାର ଶତାଧିକ ଗ୍ରାମବାସୀ ବିଭାଗୀୟ ଅଧିକ୍ଷଣ ଯନ୍ତ୍ରୀଙ୍କ ନିକଟରେ ଲିଖିତ ଅଭିଯୋଗ କରି ତୁରନ୍ତ ବାକି ରହିଥିବା ୫୦୦ ମିଟର ରାସ୍ତାର ପିଚୁ କରିବାକୁ ଦାବି କରିଥିଲେ। ଅଭିଯୋଗ ପାଇବା ପରେ ସମ୍ପୃକ୍ତ ଅଧୀକ୍ଷଣ ଯନ୍ତ୍ରୀ, ରେମୁଣା ବିଧାୟକ ଗୋବିନ୍ଦ ଦାସ ପ୍ରମୁଖ ଉକ୍ତ ସ୍ଥାନକୁ ଯାଇ ସରଜମିନ ସମୀକ୍ଷା କରିଛନ୍ତି।

ଅନ୍ୟପକ୍ଷରେ କାଳିଆ ଦଳେଇଙ୍କ ସହ ଯୋଗାଯୋଗ ହୋଇ ନ ପାରିବାରୁ ଉକ୍ତ ବିବାଦୀୟ ଜମିର ମାପଚୁପ ପରେ ପାଖରେ ଥିବା ସରକାରୀ ଜମି ଉପରେ ରାସ୍ତା ନିର୍ମାଣ ସହ ଗାର୍ଡ଼ୱାଲ ନିର୍ମାଣ କରାଯିବ ବୋଲି ଅଧୀକ୍ଷଣ ଯନ୍ତ୍ରୀ ମୁଜାଫର ହୋସେନ୍ ସୂଚନା ଦେଇଛନ୍ତି। ଉଲ୍ଲେଖ୍ୟଯୋଗ୍ୟ ଯେ, ପ୍ରାୟ ୧ ମାସ ତଳେ କାଳିଆ ଦଳେଇ ଉକ୍ତ ପ୍ଲଟ୍ ନିଜର ବୋଲି ଦାବି କରି ନିର୍ମାଣାଧୀନ ରାସ୍ତା ଉପରେ ବାଡ଼ ବୁଜି ଦେବା ଫଳରେ ଲୋକେ ଯାତାୟାତ କରିପାରି ନ ଥିଲେ। ଏନେଇ ସେରଗଡ଼ ଫାଣ୍ଡିରେ ଗ୍ରାମବାସୀ ଏତଲା ଦେଇଥିଲେ।

## ଇଦ୍-ଉଲ-ଜୁହା ପାଇଁ ଶାନ୍ତି କମିଟି

**ରୂପ୍‌ସା, ୨୦।୮(ଡି.ଏନ.ଏ.)**


ବୈଠକରେ ଉପସ୍ଥିତ ଜନସାଧାରଣ ଓ ପୋଲିସ ଅଧିକାରୀ।

ରୂପ୍‌ସା ଥାନା ଅଞ୍ଚଳରେ ଇଦ୍-ଉଲ-ଜୁହାକୁ ଶାନ୍ତିଶୃଙ୍ଖଳାରେ ପାଳନ ଲାଗି ରବିବାର ଥାନା ପକ୍ଷରୁ ଶାନ୍ତି କମିଟି ବୈଠକ ଅନୁଷ୍ଠିତ ହୋଇଛି। ବୈଠକରେ ଥାନାଧିକାରୀ ସୁଚନ୍ଦ୍ର ମହାଳିକ ଅଧ୍ୟକ୍ଷତା କରି ସଦ୍‌ଭାବନା, ଭ୍ରାତୃଭାବ ବଜାୟ ରଖିବା ସହ ଆଇନଶୃଙ୍ଖଳା ପରିସ୍ଥିତି ସୃଷ୍ଟି ନ ହେବା ଦିଗରେ ଜନସାଧାରଣଙ୍କ ସହଯୋଗ ଲୋଡ଼ିଥିଲେ। ଗଡ଼ପଦା ପଞ୍ଚାୟତ ଲଛମନଖୁଣ୍ଟା ଓ ଗଡ଼ପଦା ମସ୍‌ଜିଦ୍, ରାଉତପଡ଼ା ପଞ୍ଚାୟତର ବାରାପାଳ ଓ କାନ୍ଥି ବସ୍ତି ମସ୍‌ଜିଦ କମିଟିର କର୍ମକର୍ତ୍ତା ସରିଫ ଖାନ, ହାମିଦ ଖାନ, ଶେଖ ରହିବ ବକ୍ସ, ୟୁସୁଫ ଖାନ, ଫକୀର ମହମ୍ମଦ ଖାନ, ମୁସ୍ତାକ ଅହେମ୍ମଦ ଖାନ, ଜାଫ୍ରୁଲା ଅହେମ୍ମଦ ଖାନ, ମଡ଼ିଆ ଖାନ, ଜୁମନ ଖାନ ପ୍ରମୁଖ ବିଭିନ୍ନ ସମସ୍ୟା ସମ୍ପର୍କରେ ଆଲୋଚନା କରିଥିଲେ। ଏଏସ୍‌ଆଇ ହେମନ୍ତ କୁମାର ପାତ୍ର ଓ ହେମନ୍ତ କୁମାର ଦେବଙ୍କ ସମେତ ସମସ୍ତ ପୋଲିସ କର୍ମଚାରୀ ବୈଠକରେ ଉପସ୍ଥିତ ଥିଲେ। ଏହି ଅବସରରେ ଥାନାଧିକାରୀ ମହାଳିକ ବାଇକ୍ ଚଳାଇବା ସମୟରେ ହେଲମେଟ ବ୍ୟବହାର କରିବା, ନିଶା ସେବନ ନ କରିବା, ଦ୍ରୁତ ଗତିରେ ଯାତାୟତ ନ କରିବା, ଟ୍ରାଫିକ୍ ନିୟମ ମାନି ଚଳିବା ଦିଗରେ ଜନସାଧାରଣଙ୍କୁ ସତର୍କ କରାଇଥିଲେ।

## ସଂକ୍ଷେପରେ

### ନାଳରେ ବୁଡ଼ି ଝିଅ ମୃତ, ମା' ଗୁରୁତର

**ବାରିପଦା ଅଫିସ, ୨୦।୮:** ଗୋରୁମହିଷାଣୀ ଥାନା ଡଙ୍ଗାପାଣି ଗାଁରେ ସୋମବାର ନାଳରେ ବୁଡି ଜଣେ ନାବାଳିକା ଗୁରୁତର ହୋଇପଡିଥିବା ବେଳେ ତାଙ୍କ ମା' ଗୁରୁତର ହୋଇପଡିଛନ୍ତି। ଉଭୟ ମା' ଝିଅ ବିଲକୁ କାମ କରିବାକୁ ଯାଇଥିଲେ। ହେଲେ ସନ୍ଧ୍ୟା ସୁଦ୍ଧା ନ ଫେରିବାରୁ ପରିବାର ଲୋକେ ଖୋଜାଖୋଜି ଆରମ୍ଭ କରିଥିଲେ। ସେମାନେ ଗାଁ ନିକଟସ୍ଥ ନାଳରୁ ଝିଅର ମୃତଦେହ ଉଦ୍ଧାର କରିଥିଲେ। ସେଠାରେ ପଡି ରହିଥିବା ମହିଳାଜଣକ ଗୁରୁତର ହୋଇପଡିଥିବାରୁ ତାଙ୍କୁ ରାଇରଙ୍ଗପୁର ହସ୍ପିଟାଲ ରେ ଭର୍ତ୍ତି କରାଯାଇଛି। ତାଙ୍କ ଅବସ୍ଥା ସଙ୍କଟାପନ୍ନ ରହିଛି। ମା' ଝିଅଙ୍କ ପରିଚୟ ଜଣାପଡିନାହିଁ। ଏହି ଖବର ପ୍ରଚାରିତ ହେବା ପରେ ଗାଁରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ବାଲି ଖାଦାନରେ ୧୪୪ ଧାରା

**ବଡ଼ସାହି,୨୦।୮(ସ୍ୱ.ପ୍ର):** ବୁଢାବଲଙ୍ଗ ନଦୀର ବେଲପାଳ ବାଲି ଖାଦାନରେ ପ୍ରଶାସନ ପକ୍ଷରୁ ୧୪୪ ଧାରା ଜାରି କରାଯାଇଛି । ସଦର ଉପଜିଲାପାଳ ଅବଦଲ ଏମ୍ ଅଖତରଙ୍କ ନିର୍ଦ୍ଦେଶ ଅନୁଯାୟୀ ୧୬ ତାରିଖରେ ଏହି ନିର୍ଦ୍ଦେଶ ଜାରି କରାଯାଇଛି। ସ୍ଥାନୀୟ ତହସିଲଦାର ଓ ଥାନାଧିକାରୀ ଉଚିତ ପଦକ୍ଷେପ ଗ୍ରହଣ କରିବାକୁ ଆଦେଶରେ ଉଲ୍ଲେଖ ରହିଛି । ଉକ୍ତ ଖାଦାନରୁ ବେଆଇନ ବାଲି ଉତ୍ତୋଳନ ହେଉଥିବା ନେଇ ସ୍ଥାନୀୟ ତହସିଲଦାର ଉର୍ମିପ୍ରଭା ମହାରଣା ସଦର ଉପଜିଲାପାଳଙ୍କୁ ଅବଗତ କରିଥିଲେ । ତଦନୁଯାୟୀ ଉପଜିଲାପାଳ ଏହି ଖାଦାନରୁ ବାଲି ଉତ୍ତୋଳନ ବନ୍ଦ ପୂର୍ବକ ଟ୍ରାନଜିଟ ପରମିଟ ଇସ୍ୟୁ ପାଇଁ ମନା କରିଥିଲେ । ଏହାକୁ କେନ୍ଦ୍ର କରି ଗତ ୧୬ତାରିଖରେ ଖାଦାନ ଲିଜଧାରୀ ସୁଶାନ୍ତ ନାୟକ ଓ ଅନ୍ୟ ଦୁଇ ଜଣ ତହସିଲଦାରଙ୍କ କାର୍ଯ୍ୟାଳୟକୁ ଯାଇ ଯୁକ୍ତିତର୍କ କରିଥିଲେ। ତହସିଲଦାର ବଡ଼ସାହି ଥାନାରେ ଏହି ତିନି ଜଣଙ୍କ ନାମରେ ଲିଖିତ ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ସିସି ଟିଭି ଫୁଟେଜକୁ ନେଇ ତଦନ୍ତ ଜାରି ରଖିଛି। ତେବେ ଘଟଣା ସମ୍ପର୍କରେ ଖବରପାଇ ଉପଜିଲାପାଳ ଖାଦାନରେ ୧୪୪ଧାରା ଜାରି କରିଛନ୍ତି । ଆସନ୍ତା ଅକ୍ଟୋବର ୧୦ତାରିଖ ପର୍ଯ୍ୟନ୍ତ ତାହା ବଳବତ୍ତର ରହିବ । ଏହି ସମୟରେ କେହି ବାଲି ଉତ୍ତୋଳନ କଲେ ଏବଂ ୫ଜଣରୁ ଅଧିକ ବ୍ୟକ୍ତି ଏକତ୍ରିତ ହେଲେ ଆଇନ ଅନୁଯାୟୀ ଦଣ୍ଡିତ ହେବେ ବୋଲି ନିର୍ଦ୍ଦେଶରେ ଉଲ୍ଲେଖ ରହିଛି ।

### ପୋଖରୀରେ ବୁଡ଼ି ଜଣେ ମୃତ

**କୁଳିଅଣା,୨୦।୮(ଡି.ଏନ୍.ଏ.):** ଚାନ୍ଦୁଆ ଥାନା କୁଆବୁଢା ଗ୍ରାମର ଲକ୍ଷ୍ମଣ ହାଁସଦା ନାମକ ଯୁବକ ସୋମବାର ସକାଳେ ନୂଆପୋଖରୀରେ ବୁଡିଯାଇ ପ୍ରାଣ ହରାଇଛନ୍ତି। ସେ ସକାଳେ ଗାଧୋଇବାକୁ ଯାଇଥିବା ବେଳେ ଏପରି ଅଘଟଣ ଘଟିଥିଲା। ସେ ଦୁଆରଶୁଣୀ କଲେଜରେ ପିଅନ ଅଛନ୍ତି। ଖବର ପାଇ ଚାନ୍ଦୁଆ ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବାରିପଦା ସ୍ଥିତ ପଣ୍ଡିତ ରଘୁନାଥମୁର୍ମୁ ମେଡିକାଲ କଲେଜକୁ ପଠାଯାଇଛି । ଏ ସଂକ୍ରନ୍ତରେ ଚାନ୍ଦୁଆ ଥାନାରେ ଏକ ଅପମୃତ୍ୟୁ ମାମଲା ( ନଂ ୧୭/୧୮) ରୁଜୁ ହୋଇଛି।

### ଶତାୟୁ ମହିଳାଙ୍କ ପରଲୋକ

**ବଡ଼ସାହି,୨୦।୮(ସ୍ୱ.ପ୍ର):**ପବଡ଼ସାହି ବ୍ଲକ ଅଧୀନ ବଡ଼ବାଘୁଆପାଳ ଗ୍ରାମର ସ୍ୱର୍ଗତ କୈଳାସ ଗିରିଙ୍କ ଧର୍ମପତ୍ନୀ ଚାନ୍ଦନୀ ଗିରିଙ୍କର ୧୦୩ ବର୍ଷରେ ପରଲୋକ ଘଟିଛି । ଜଣେ ଧର୍ମପରାୟଣା, ପରୋପକାରୀ ଓ ମେଳାପୀ ଭାବେ ସେ ଗ୍ରାମରେ ସମସ୍ତଙ୍କ ପ୍ରିୟ ଥିଲେ। ଗାଁ ଶ୍ମଶାନରେ ତାଙ୍କର ଅନ୍ତିମ ସଂସ୍କାର କରାଯାଇଛି ।

### ଗଳିତ ଶବ ଜବତ

**ବଡ଼ସାହି,୨୦।୮(ସ୍ୱ.ପ୍ର.):** ମୟୂରଭଞ୍ଜ ଜିଲା ବଡ଼ସାହି ଥାନା ଅଧୀନ ନାଉପାଳସ୍ଥିତ ମେଧାବୀ ନାଳରେ ଭାସୁଥିବା ଏକ ଗଳିତ ଶବକୁ ପୋଲିସ ସେମାବାର ଅପରାହ୍ନରେ ଉଦ୍ଧାର କରିଛି। ଶବର ଅର୍ଦ୍ଧାଧିକ ଶରୀର ନଷ୍ଟ ହୋଇଯାଇଥିବାବେଳେ ପରିଚୟ ମିଳିପାରିନାହିଁ। ଏ ନେଇ ପୋଲିସ ଏକ ଅପମୃତ୍ୟୁ ମାମଲା (ନଂ.୨୫/୧୮) ରୁଜୁ କରି ଡିଏନଏ ଟେଷ୍ଟ ପାଇଁ ପଠାଇଛି। ଆଖପାଖ ଅଞ୍ଚଳରେ ମୃତ୍ୟୁବରଣ କରିଥିବାରୁ ପୋତାଯାଇଥିବାବେଳେ ବର୍ଷା ଜଳରେ ଭାସି ଆସିଥିବା ନେଇ ପୋଲିସ ସନ୍ଦେହ କରି ଅଧିକ ତଦନ୍ତ ଜାରି ରଖିଛି।

# ଅଦରକାରୀ ସାଜିଛି ତେଲପେଡ଼ା ଯନ୍ତ୍ର

**ବଡ଼ସାହି,୨୦।୮(ସ୍ୱ.ପ୍ର)**



ବଡସାହି ଅଞ୍ଚଳରେ ଅଦରକାରୀ ହୋଇ ପଡିରହିଥିବା ତେଲପେଡା ଯନ୍ତ୍ର।

- **ଚାହିଦା ନ ଥିବାରୁ କଚଡା ସଂଗ୍ରହ କରୁନାହାନ୍ତି ଲୋକେ**
- **ପରିଶ୍ରମ ତୁଳନାରେ ମିଳୁନି ମୂଲ୍ୟ**
- **ମହୁଲ ଗଛର ବନୀକରଣ, ପ୍ରୋତ୍ସାହନ ଦାବି**

ଔଷଧୀୟ ଗୁଣରେ ପରିପୂର୍ଣ୍ଣ କରଞ୍ଜ, କଚଡା ଓ ନିମ୍ବ ତେଲ ଦ୍ୱାରା ବହୁ ରୋଗରୁ ଉପଶମ ତଥା ମୁକ୍ତି ମିଳିଥାଏ। ଏ ସବୁ ତେଲରେ ରୋଗ ଉପଶମ ଶକ୍ତି ଥିବାରୁ ଏହାର ଚାହିଦା ମୟୂରଭଞ୍ଜ ଜିଲା ବଣପାହାଡ ଘେରା ଗାଁ ଗଣ୍ଡାରେ ଯଥେଷ୍ଟ ଅଧିକ ଥିଲା । ପୂର୍ବରୁ ଗାଁ ଗଣ୍ଡାର ଲୋକମାନେ ଏହି ତେଲ କିଣିବା ବଦଳରେ ଧାନ, ଚାଉଳ କିମ୍ବା ପଇସା ଦେଇ ଅତି ଦରକାରୀ ଭାବେ ଘରେ ରଖୁଥିଲେ । ମାତ୍ର ଏବେ ସ୍ଥିତି ବଦଳିଛି। ଏ ସବୁ ପୁରୁଣା ତେଲର ବ୍ୟବହାର ଓ ଆଦର କମିଛି । ଦୋକାନ ବଜାରରେ ବିକ୍ରୀ ହେଉଥିବା ଅପମିଶ୍ରିତ ତେଲକୁ ଲୋକେ କିଣି ଅଧିକ ବ୍ୟବହାର କରୁଛନ୍ତି। ଫଳରେ ତେଲ ପେଡିବା ପାଇଁ ବସିଥିବା ଯନ୍ତ୍ର ଏବେ ଅଦରକାରୀ ହୋଇପଡିଛି।

ମୟୂଭରଞ୍ଜ ଜିଲାର ଆଦିବାସୀ ସମ୍ପ୍ରଦାୟର ଲୋକମାନେ କରଞ୍ଜ, କଚଡା,ନିମ୍ବ ଆଦି ଗଛକୁ ନିଜ ବାଡି ବଗିଚାରେ ଲଗାଇବା ସହିତ ବଣଜଙ୍ଗଲରେ ଥିବା ଗଛଗୁଡିକର ସୁରକ୍ଷା ପ୍ରତି ଯତ୍ନ ଦେଇଥାନ୍ତି । ଜଙ୍ଗଲ ଇଲାକାରେ ମହୁଲ ଗଛରୁ ମହୁଲ ଫୁଲ ସଂଗ୍ରହ କରି ଦୁଇ ପଇସା ରୋଜଗାର କରି ନିଜ ପରିବାର ଗୁଜୁରାଣ ମେଣ୍ଟାଇଥାନ୍ତି। ବଡସାହି ବ୍ଲକ ଅଧୀନ ଶିମିଳିପାଳ ପାଦଦେଶରେ ଅବସ୍ଥିତ ଯଦୁନାଥପୁର, ଟଙ୍ଗାଶୋଳ, ପୂର୍ଣ୍ଣଚନ୍ଦ୍ରପୁର, ଗୁଡିଆଲବନ୍ଧ ଆଦି ପଞ୍ଚାୟତର ପାଖାପାଖି ୪୦ରୁ ଉର୍ଦ୍ଧ୍ୱ ଗ୍ରାମର ଲୋକମାନେ ମହୁଲ ଫୁଲ ସହ କଚଡା ବା ଟୁଲ ସଂଗ୍ରହ କରିଥାନ୍ତି। ଏହି କଚଡା ଫଳକୁ ସଂଗ୍ରହ କରି ସେଥିରୁ କଚଡା ତେଲ ପ୍ରସ୍ତୁତ କରିଥାନ୍ତି । କଚଡା ଫଳର ମଞ୍ଜିକୁ ବାହାର କରି ୭/୮ଦିନ ଭଲ ଭାବେ ଖରାରେ ଶୁଖାଇ ସେଥିରୁ ଚୋପାକୁ ବାହାର କରି ଦିଆଯାଏ । ପରେ ମଞ୍ଜିକୁ ମେଶିନରେ ଗୁଣ୍ଡ କରାଯାଏ । ଗୁଣ୍ଡ କରିବା ପରେ ଗରମ ପାଣିର ବାଷ୍ପରେ ସେଗୁଡିକ ଭଲଭାବେ ସିଝାଯାଇ ତେଲ ପେଡିବା ଯନ୍ତ୍ରରେ ରଖାଯାଏ । ଦୁଇଟି ବଡ ବଡ କାଠ ମଧ୍ୟରେ ଲୁହାରେ ସ୍ୱତନ୍ତ୍ର ଭାବେ ନିର୍ମାଣ କରାଯାଇଥିବା ସ୍ଥାନରେ ରଖି ଚାପଦେଲେ ସେଥିରୁ ତେଲ ନିର୍ଗତ ହୋଇଥାଏ । ଏହି ତେଲକୁ ସଂଗ୍ରହ କରି ସେଥିରେ ତରକାରୀ ପିଠାପଣା କରିବା ସହ ଦେହରେ ଲଗାଇଥାନ୍ତି । ସେହିଭଳି ଭାବେ କରଞ୍ଜ, ନିମ୍ବ ଓ ଖସା ତେଲ ପ୍ରସ୍ତୁତ କରାଯାଇଥାଏ । କଚଡା ତେଲ ଲିଟର ପିଛା ଶହେ ଟଙ୍କାରେ ବଜାରରେ ବିକ୍ରୀ ହେଉଥିବା ବେଳେ ମଞ୍ଜି ସଂଗ୍ରହକାରୀଙ୍କୁ ଏହାର ଉଚିତ ମୂଲ୍ୟ ମିଳିପାରୁ ନାହିଁ ବୋଲି ଗ୍ରାମବାସୀ କହିଛନ୍ତି । ୩ ରୁ ୪କେଜି କଚଡା ଫଳର ମଞ୍ଜିରୁ ଏକ ଲିଟର ତେଲ ବାହାରୁଥିବା ବେଳେ କଚଡା କେଜିପ୍ରତି ୨୦ଟଙ୍କା ଦରରେ ବିକ୍ରୀ ହୋଇଥାଏ । ଏକ ଲିଟର ତେଲ ପାଇଁ ୯୦ଟଙ୍କା ଖର୍ଚ୍ଚ ହେଉଥିବା ବେଳେ ବଜାର ମୂଲ୍ୟ ମାତ୍ର ଏକ ଶହ ଟଙ୍କା । ବଜାରରେ ଏହାର ଚାହିଦା ନ ଥିବାରୁ ଲୋକମାନେ କଚଡା ସଂଗ୍ରହ କରିବାକୁ ପଛଘୁଞ୍ଚା ଦେଉଛନ୍ତି । ଆୟୁର୍ବେଦିକ ଡାକ୍ତର ସନତ କୁମାର ଦାଶ କହନ୍ତି, ନିମ୍ବ ଓ କଚଡା ତେଲ ବ୍ୟବହାର କଲେ ଶରୀରରେ ହେଉଥିବା କାଛୁ କୁଣ୍ଡିଆ ରୋଗ ଖୁବଶୀଘ୍ର ଭଲ ହୋଇଥାଏ । ।

## କେରଳ ବନ୍ୟାରେ ଫସିଛନ୍ତି ଯୁବତୀଯୁବକ

**ବାରିପଦା ଅଫିସ,୨୦।୮**



ଉଦ୍ଧାରକାରୀ ଦଳ ସହ କେରଳରେ ଫଶି ରହିଥିବା ମୟୂରଭଞ୍ଜର ୨ ଯୁବକ।

ପ୍ରବଳ ବର୍ଷା ଯୋଗୁଁ କେରଳରେ ବନ୍ୟା ପରିସ୍ଥିତ ଲାଗିରହିଛି। ଏହି ବନ୍ୟାରେ ମୟୂରଭଞ୍ଜ ଜିଲାର ଦୁଇ ଜଣ ଫସି ରହିଥିବା ସୂଚନା ମିଳିଛି। ଜିଲା ଗ୍ରାମ୍ୟ ଉନ୍ନୟନ ସଂସ୍ଥା ଅଧୀନ ଓରମାସ ପକ୍ଷରୁ କେରଳକୁ ଏକ ମେଳାରେ ଯୋଗ ଦେବାକୁ ଯାଇଥିବା ହେମସ୍ମିତା ନାୟକ ଏବଂ ଅଶୋକ ଧୀର ଏହି ବନ୍ୟାରେ ଫସି ରହିଛନ୍ତି। ସେମାନଙ୍କୁ ଉଦ୍ଧାର କରାଯାଇ ତିରୁଅନନ୍ତପୁରମସ୍ଥିତ ଏକ କଲେଜରେ ରଖାଯାଇଛି। ସେମାନଙ୍କୁ ଶୀଘ୍ର ଜିଲାକୁ ଫେରେଇ ଆଣିବା ପାଇଁ ଓରମାସର ଆସିଷ୍ଟାଣ୍ଟ ଡାଇରେକ୍ଟର ବିମାନ ମାଲ କହିଛନ୍ତି। ସେହିପରି କଟକ, ସୋନପୁର, ସୁନ୍ଦରଗଡର କିଛି ଲୋକ ମଧ୍ୟ ବନ୍ୟାରେ ଫସି ରହିଥିବା ସୂଚନା ମିଳିଛି।

## ପାଣି ଘେରରେ ଚୋଟି ସାହି

**ଖୁଣ୍ଟା,୨୦।୮(ଡି.ଏନ.ଏ.)**

ରବିବାର ଲଘୁଚାପ ଜନିତ ଲଗାଣ ବର୍ଷାରେ ଖୁଣ୍ଟା ବ୍ଲକ ତାଡ଼କିଝରଣ ଗ୍ରାମ ଚଟିସାହିରେ ବନ୍ୟା ପରିସ୍ଥିତି ସୃଷ୍ଟି ହୋଇଛି । ଗୋଭେଇ ନାଳ ନାମକ ପାହାଡ଼ି ଝରଣାରେ ଅତ୍ୟଧିକ ପାଣି ପ୍ରବାହିତ ହେଉଥିବା ବେଳେ ତାହା ଚୋଟିସାହିରେ ପଶି ବନ୍ୟା ପରିସ୍ଥିତି ସୃଷ୍ଟି କରିଛି । ଫଳରେ ଉକ୍ତ ସାହିର୍‌ର ୧୦ ଟି ପରିବାର ସମ୍ପୂର୍ଣ୍ଣ ପ୍ରଭାବିତ ହୋଇଥିବା ବେଳେ ପାଣି ଘେରରେ ରହିଥିଲେ । ଖୁଣ୍ଟା ବ୍ଲକ ଅଧ୍ୟକ୍ଷ ପୁଷ୍ପଲତା ମାର୍ଣ୍ଡି, ଏବିଡ଼ିଓ ବସନ୍ତ ପୃଷ୍ଟି, ଜିପିଟିଏ ଜଗନ୍ନାଥ ବେହେରା, ବନ୍ୟାସ୍ଥଳରେ ପହଞ୍ଚି ପରିସ୍ଥିତି ଅନୁଧ୍ୟାନ କରି ବିପନ୍ନ ୭ ପରିବାରର ୫୦ ଜଣଙ୍କୁ ତାଡ଼କିଝରଣ ସ୍କୁଲକୁ ସ୍ଥାନାନ୍ତର କରିଥିଲେ । ମଧ୍ୟାହ୍ନ ଓ ରାତ୍ରି ପାଇଁ ରନ୍ଧା ଖାଦ୍ୟର ବ୍ୟବସ୍ଥା ହୋଇଥିବା ବେଳେ ମଙ୍ଗଳବାର ସକାଳେ ଶୁଖିଲା ଖାଦ୍ୟ ପ୍ରଦାନର ବ୍ୟବସ୍ଥା ହୋଇଛି।

## ୫ମ ବୃତ୍ତି ପରୀକ୍ଷାରୁ ବଞ୍ଚିତ ୩୪ ପରୀକ୍ଷାର୍ଥୀ

**ବଡ଼ସାହି,୨୦।୮(ସ୍ୱ.ପ୍ର)**

ବଡ଼ସାହି ବ୍ଲକରେ ୫ମ ଶ୍ରେଣୀ ମେଧାବୃତ୍ତି ପରୀକ୍ଷା ଶନିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ବ୍ଲକରୁ ମୋଟ ୨୫୨ଜଣ ପରୀକ୍ଷା ଦେବାକୁ ଥିବା ବେଳେ ୨୧୮ଜଣ ପରୀକ୍ଷା ଦେଇଥିବା ବିଭାଗ ସୂତ୍ରରୁ ଜଣାଯାଇଛି । ପରୀକ୍ଷା ସମୟ ପରିବର୍ତ୍ତନକୁ ନେଇ ୩୪ଜଣ ପରୀକ୍ଷା ଦେବାରୁ ବଞ୍ଚିତ ହୋଇଛନ୍ତି । ଏଥିନିମନ୍ତେ ବଡସାହି ସରକାରୀ ଉଚ୍ଚ ବିଦ୍ୟାଳୟ ଓ ପ୍ରତାପପୁର ଦଧିବାମନଜୀଉ ସରକାରୀ ଉଚ୍ଚ ବିଦ୍ୟାଳୟରେ ପରୀକ୍ଷା କେନ୍ଦ୍ର ହୋଇଥିଲା । ବଡସାହି କେନ୍ଦ୍ରରେ ୧୩୯ଜଣଙ୍କ ମଧ୍ୟରୁ ୧୨୧ଜଣ ଓ ପ୍ରତାପପୁର କେନ୍ଦ୍ରରେ ୧୧୩ଜଣଙ୍କ ମଧ୍ୟରୁ ୯୭ଜଣ ପରୀକ୍ଷା ଦେଇଛନ୍ତି । ପ୍ରବେଶିକା ପତ୍ରରେ ଶନିବାର ପୂର୍ବାହ୍ନ ୧୦ଟା ୩୦ରେ ପରୀକ୍ଷା ଆରମ୍ଭ ହେବା ନେଇ ସୂଚନା ଥିବା ବେଳେ ୧୦ଟାରୁ ପରୀକ୍ଷା ଆରମ୍ଭ ହୋଇଯାଇଥିଲା । ବିଳମ୍ବରେ ପହଞ୍ଚିଥିବାରୁ କିଛି ଅଭିଭାବକ ସେମାନଙ୍କ ପିଲାଙ୍କୁ ଫେରାଇ ନେଇଥିଲେ।







@ ବିକାଶ



@ ତପନ



@ ପଙ୍କଜ

**ସେଲ୍ଫି ଉଠାନ୍ତୁ ଆମପାଖକୁ ପଠାନ୍ତୁ** | balasoreselfie@gmail.com (ନିର୍ବାଚିତ ସେଲ୍ଫି ପ୍ରକାଶ ପାଇବ)

## ନୂତନ କର୍ମକର୍ତ୍ତାଙ୍କୁ ଦିଆଗଲା ସମ୍ବର୍ଦ୍ଧନା



ଡ଼ାକ ବଙ୍ଗଳାରେ ଉପସ୍ଥିତ କର୍ମକର୍ତ୍ତାମାନେ ୩ ଜଣଙ୍କୁ ସମ୍ବର୍ଦ୍ଧିତ କରୁଛନ୍ତି ।

**ବେତନଟୀ,୨୦।୮(ଡ଼ି.ଏନ.ଏ)**

ବେତନଟୀ ବିଜୁ ଛାତ୍ରଜନତା ଦଳର ନୂତନ କର୍ମକର୍ତ୍ତା ଚୟନ କରାଯାଇଛି। ଏହି କର୍ମକର୍ତ୍ତାଙ୍କୁ ସୋମବାର ବେତନଟୀ ଜାତୀୟ ରାଜପଥ ଡ଼ାକ ବଙ୍ଗଳାରେ ସମ୍ବର୍ଦ୍ଧିତ କରାଯାଇଛି। ସମ୍ବର୍ଦ୍ଧନା ସଭାରେ ବେତନଟୀ ବିଜୁ ଜନତା ଦଳ, ଯୁବ ଜନତା ଦଳ ଓ ଛାତ୍ର ଜନତା ଦଳର କର୍ମକର୍ତ୍ତା ଉପସ୍ଥିତ ଥିଲେ। ବେତନଟୀ ବ୍ଲକର ଛାତ୍ର ସଭାପତି ଭାବେ ସ୍ୱରୂପ କୁମାର ପରିଡ଼ା, ଉପସଭାପତି ଜ୍ୟୋତି ରଞ୍ଜନ ନାୟକ ଓ ମାନସ କୁମାର ଜେନା । ଏହିତିନି ଜଣଙ୍କୁ ମୁଖ୍ୟମନ୍ତ୍ରୀଙ୍କ ଅନୁମୋଦନ କ୍ରମେ ଜିଲ୍ଲା ଛାତ୍ର ଜନତା ଦଳର ସଭାପତି ଅଭୟ କୁମାର ସିଂ ନୂତନ ଦାୟିତ୍ୱ ଅର୍ପଣ କରିଛନ୍ତି।

## ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଘାଟିତ

**ଭଞ୍ଜକିଆ,୨୦।୮**

ରରୁଆଁ ବ୍ଲକ ଗୋଡାପାଳସା ଗ୍ରାମପଞ୍ଚାୟତସ୍ଥିତ ସହିଦ ପାଣ୍ଡୁରାମ ବଣ ସାହି ଆନୁକୂଲ୍ୟରେ ଫୁଟବଲ ଟୁର୍ନାମେଣ୍ଟ ଉଦଘାଟିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟ ଅତିଥି ଭାବେ ପିଇଓ ରାଜେଶ କାଳନ୍ଦୀ, ସମ୍ମାନୀତ ଅତିଥିମାନେ ଖବରଦାତା ବୃହସ୍ପତି ଦାସ,ଅଶୋକ ବେହେରା, ଚନ୍ଦ୍ରଭାନୁ ମହାନ୍ତ, ଭୋଇଲୋଚନ ନାଏକ, ଶରତ ଚନ୍ଦ୍ର ନାଏକ ଓ ଶହୀଦଙ୍କ ପିତା ଦର୍ଶାନିଆ ନାଏକ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଏକ ଶୋଭାଯାତ୍ରା ଗ୍ରାମ ପରିକ୍ରମା କରିଥିଲା। ଏଥିରେ ୩୨ଟି ଦଳକୁ ନେଇ ଖେଳ ହେବ ବୋଲି ସମ୍ପାଦକ ବଳଭଦ୍ର ନା ଏକ କହିଛନ୍ତି।



ଅତିଥିଙ୍କ ଗହଣରେ ଖେଳାଳିମାନେ।

## ଆମ ଗାଁ ଆମ ବିକାଶ ପାଇଁ ପ୍ରସ୍ତୁତି

**ଉଦଳା, ୨୦।୮ (ଡି.ଏନ.ଏ.)**

ଉଦଳା ଉଚ୍ଚ ବିଦ୍ୟାଳୟ ଖେଳ ପଡିଆ ପରିସରରେ ଆସନ୍ତା ୨୮ ତାରିଖରେ ଆମ ଗାଁ ଆମ ବିକାଶ ଯୋଜନା କାର୍ଯ୍ୟକ୍ରମ ନିମନ୍ତେ ଦିନ ଧାର୍ଯ୍ୟ ହୋଇଛି। ମୁଖ୍ୟମନ୍ତ୍ରୀ ଏହି କାର୍ଯ୍ୟକ୍ରମକୁ ଭିଡିଓ କନଫରେନ୍ସି ଦ୍ୱାରା ତଦାରଖ କରିବେ । ଏଥିନିମନ୍ତେ ଉଦଳା ବ୍ଲକ ତରଫରୁ ପ୍ରସ୍ତୁତି ଚାଲିଥିବା ବେଳେ ବିଜୁ ଜନତା ଦଳ ପକ୍ଷରୁ ଏହି କାର୍ଯ୍ୟକ୍ରମକୁ ସଫଳ କରିବା ପାଇଁ ଉଦ୍ୟମ ଆରମ୍ଭ ହୋଇଛି । ଏଥିନେଇ ସ୍ଥାନୀୟ ପୂର୍ତ୍ତ ବିଭାଗ ଡାକ ବଙ୍ଗଳା ଠାରେ ରବିବାର ଏକ ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା । ବିଜୁ ଜନତା ଦଳର ଜିଲା ଉପସଭାପତି ମନୋଜ କୁମାର ମହାନ୍ତି, ପୂର୍ବତନ ବିଧାୟକ ଶ୍ରୀନାଥ ସୋରେନ୍, ଯୁବ ନେତା ଠୁମ୍ପ ମୁର୍ମୁ, ଟାଉନ ସଭାପତି ବନମାଳୀ ବେହେରା ଯୋଗ ଦେଇଥିଲେ।

## ବିତନୁଙ୍କ ଉଦ୍ଦେଶ୍ୟରେ ଶ୍ରଦ୍ଧାଞ୍ଜଳି ସଭା

**ବାରିପଦା ଅଫିସ,୨୦।୮**

ବିତନୁ ସ୍ମୃତି କମିଟି ପକ୍ଷରୁ ଆବାହକ କାବେରି ମିଶ୍ରଙ୍କ ସଭାପତିତ୍ୱରେ ଏକ ଶ୍ରଦ୍ଧାଞ୍ଜଳି ସଭା ସ୍ଥାନୀୟ ରୋଟାରୀଭବନ ଠାରେ ପାଳିତ ହୋଇ ଯାଇଛି। ମୟୂରଭଞ୍ଜ ପୁସ୍ତକ ମେଳା ସଭାପତି ପଦ୍ମନାଭ ସାହୁ, ବଳାଙ୍ଗି ମହୋତ୍ସବ କମିଟିର ପ୍ରତିଷ୍ଠାତା ସମ୍ପାଦକ ଶରତ ଚନ୍ଦ୍ର ନାୟକ ପ୍ରମୁଖ ଉପସ୍ଥିତ ରହି ବିତନୁ ନାୟକଙ୍କ ସ୍ମୃତି ଚାରଣ କରିଥିଲେ। ସ୍ୱର୍ଗତ ବିତନୁଙ୍କୁ ମା' ହାରାମଣି, ମୟୂରଭଞ୍ଜ ପୁସ୍ତକ ମେଳା ଉପସଭାପତି ଜୟନ୍ତ କୁମାର ଦ୍ୱାରୀ, ଗୀତିକାର ସଂଗ୍ରାମ କେଶରୀ ମହାନ୍ତି, ଜ୍ଞାନ ରଞ୍ଜନ ତ୍ରିପାଠୀ, ବିଶେଶ୍ୱର ଦ୍ୱିବେଦୀ ଯୋଗ ଦେଇଥିଲେ। ଭାରତ ଶିକ୍ଷା ରତ୍ନ ଅମିତାଭ ମିଶ୍ର ଓ ଡ. ଶଶୀଧର ବିଶ୍ୱାଳଙ୍କ ସଂଯୋଜନାରେ 'ମା' ମାଟି ମାତୃଭୂମି' ଶୀର୍ଷକ ଏକ କବିତା ଆସର ଆୟୋଜିତ ହୋଇଥିଲା। ଏହି ଅବସରରେ ଏକ ସ୍ୱତନ୍ତ୍ର ପତ୍ରିକା ଉନ୍ମୋଚିତ ହୋଇଯାଇଥିଲା। କବିୟତ୍ରୀ ବିଷ୍ଣୁପ୍ରିୟା ମଲିକ ଧନ୍ୟବାଦ ଅର୍ପଣ କରିଥିଲେ।



ଅତିଥିମାନେ ପତ୍ରିକା ଉନ୍ମୋଚିତ କରୁଛନ୍ତି।

## ବ୍ୟକ୍ତିଗତ ଜାଗାରୁ ଉଠିଲା ଟ୍ରାନ୍ସଫର୍ମର

**ବାରିପଦା ଅଫିସ,୨୦।୮**



ରାସ୍ତା କଡରେ ଟ୍ରାନ୍ସଫର୍ମର ବସାଯାଇଛି।

- **ବାରିପଦାରେ ବିଦ୍ୟୁତ୍ ସେବା ଯୋଜନା ଦିଗହରା**
- **ଅଭିଯୋଗ ପରେ ବିଭାଗର ଚେତାପଶିଲା**

ସହରାଞ୍ଚଳରେ ନିରବଚ୍ଛିନ୍ନ ବିଦ୍ୟୁତ ସେବା ଯୋଗାଇବା ପାଇଁ କେନ୍ଦ୍ର ସରକାର ଆଇପିଡିଏସ (ଇଣ୍ଟିଗ୍ରେଟେଡ ପାୱାର ଡେଭଲପମେଣ୍ଟ ସ୍କିମ) ପ୍ରକଳ୍ପ ଆରମ୍ଭ କରିଛନ୍ତି। ସହରାଞ୍ଚଳରେ ନୂତନ ବିଦ୍ୟୁତ୍ ସବଷ୍ଟେଶନ, ୧୧ କେଭି ଲାଇନ, ନୂତନ ଟ୍ରାନ୍ସଫର୍ମର ଓ ବିଭିନ୍ନ ଉନ୍ନତିମୂଳକ କାର୍ଯ୍ୟ କରିବା ପାଇଁ କେନ୍ଦ୍ର ସରକାର ୨୦୧୬-୧୭ ଆର୍ଥିକ ବର୍ଷରେ ଅନୁଦାନ ଯୋଗାଇଛନ୍ତି। ହେଲେ ମୟୂରଭଞ୍ଜ ଜିଲାରେ ଏହି ଯୋଜନା ଦିଗହରା ହୋଇ ପଡିଛି। କାରଣ ଓଡିଶା ବିଧାନସଭା ପାଇଁ ମୟୂରଭଞ୍ଜ ଜିଲାରୁ ନିର୍ବାଚିତ ଜଣେ ପ୍ରତିନିଧିଙ୍କ ବାରିପଦା ବେଲଗଡିଆ ସ୍ଥିତ ଘରେ ବିଦ୍ୟୁତ ବିଭାଗ ଏକ ୧୦୦ କେଭିର ଟ୍ରାନ୍ସଫର୍ମର ସ୍ଥାପିତ କରାଯାଇଥିଲା। ଏହା ଯୋଜନାର ସ୍ୱଚ୍ଛତା ଉପରେ ପ୍ରଶ୍ନବାଚୀ ସୃଷ୍ଟି କରିଥିଲା। ଏନେଇ ଗତ ୧୧ ଅଗଷ୍ଟରେ ଧରିତ୍ରୀରେ ଏକ ତଥ୍ୟ ଓ ମତାମତ ଭିତ୍ତିକ ସ୍ୱତନ୍ତ୍ର ରିପୋର୍ଟ ପ୍ରକାଶିତ ହୋଇଥିଲା। ଏହାକୁ ସ୍ଥାନୀୟ ଲୋକେ ବିରୋଧ କରିଥିଲେ। ଜିଲାପାଳଙ୍କୁ ମଧ୍ୟ ଲିଖିତ ଅଭିଯୋଗ କରି ସରକାରୀ ଜାଗାରେ ଏହି ଟ୍ରାନ୍ସଫର୍ମର ସ୍ଥାପନ କରିବାକୁ ଦାବି କରିଥିଲେ। ତେବେ ବିଦ୍ୟୁତ ବିଭାଗ ପକ୍ଷରୁ ରବିବାର ଏହି ଟ୍ରାନ୍ସଫର୍ମରକୁ ଉକ୍ତ ନିର୍ବାଚିତ ପ୍ରତିନିଧିଙ୍କ ଘରୁ ବାହାର କରି ଅନ୍ୟତ୍ର ଲଗାଯାଇଛି। ଏ ନେଇ ବିଦ୍ୟୁତ ବିଭାଗ ଅଧୀକ୍ଷଣ ଯନ୍ତ୍ରୀ ରାଜୀବ କୁମାର ନାୟକ କହିଛନ୍ତି, ସହକାରୀ ଯନ୍ତ୍ରୀ ଓ କନିଷ୍ଠ ଯନ୍ତ୍ରୀଙ୍କ ଭୁଲ ଯୋଗୁ ଏଭଳି ସ୍ଥିତି ସୃଷ୍ଟି ହୋଇଥିଲା। ତାଙ୍କ ଗୋଚରରେ ଥିଲେ ଏମିତି ହୋଇ ନ ଥାନ୍ତା ବୋଲି କହିଥିଲେ।

ପ୍ରକାଶ ଥାଉକି ବାରିପଦା ସହର ବେଲଗଡିଆ ଅଞ୍ଚଳରେ ଜଣେ ନିର୍ବାଚିତ ପ୍ରତିନିଧିଙ୍କ ଘର ପରିସରରେ ଏକ ୧୦୦ କେଭିର ଟ୍ରାନ୍ସଫର୍ମର ସ୍ଥାପନ କରିଥିଲା ବିଦ୍ୟୁତ ବିଭାଗ। ଏହି ପ୍ରତିନିଧିଜଣକ ନିଜ ଘରେ ଏକ ବଡ ହୋଟେଲ ନିର୍ମାଣ କରିବା ଯୋଜନା କରିଥିବା ଶୁଣାଯାଉଥିବା ବେଳେ ବିଦ୍ୟୁତ ବିଭାଗ ତାଙ୍କ ଘରେ ସରକାରୀ ଟ୍ରାନ୍ସଫର୍ମର ସ୍ଥାପନ କରିଥିଲା। ଜଣେ ବ୍ୟକ୍ତି ୧୦୦ କେଭି ଟ୍ରାନ୍ସଫର୍ମର ଲଗାଇଲେ ୫ ଲକ୍ଷ ଟଙ୍କାରୁ ଊର୍ଦ୍ଧ୍ୱ ଟଙ୍କା ଖର୍ଚ୍ଚ ହେବ। ତେବେ ଜନସାଧାରଣଙ୍କ ବ୍ୟବହାର ପାଇଁ ଆସିଥିବା ଅନୁଦାନକୁ ଜଣେ ବ୍ୟକ୍ତିଙ୍କ ପାଇଁ ଖର୍ଚ୍ଚ କରାଯାଇଥିବା ଅଭିଯୋଗ ହେବା ପରେ ଉକ୍ତ ଟ୍ରାନ୍ସଫର୍ମରକୁ ଅନ୍ୟତ୍ର ସ୍ଥାନିତ କରାଯାଇଛି।

## ଆସନ୍ତୁ ଓଡ଼ିଶାକୁ ପ୍ଲାଷ୍ଟିକ୍ ମୁକ୍ତ କରିବା

ଏହିଭଳି ଆଙ୍ଗୁଳି ମୁଦ୍ରାରେ ନିଜର ଫଟୋ/ ସେଲ୍ଫି ଉଠାଇ balasoreselfie@gmail.com ରେ ଆମର ସେଲ୍ଫି କର୍ନରକୁ ପଠାନ୍ତୁ। ଏଥିସହ ଫଟୋକୁ ହ୍ୟାସ୍‌ଟ୍ୟାଗ୍ #PlasticFreeOdisha ଲଗାଇ @DharitriNews କୁ ଟ୍ୟାଗ୍ କରି ଆପଣଙ୍କର ସୋସିଆଲ ମିଡିଆ ପ୍ରୋଫାଇଲରେ ଶେୟାର କରନ୍ତୁ। ଆମ ଫେସ୍‌ବୁକ ପେଜ Dharitriକୁ ଲାଇକ୍ କରି ଏହି ବିପ୍ଲବରେ ସାମିଲ ହୁଅନ୍ତୁ।



## ସଂକ୍ଷେପରେ

### ନଦୀରୁ ଯୁବକଙ୍କ ମୃତଦେହ ଉଦ୍ଧାର

**ସଜନାଗଡ଼, ୨୦।୮(ଡି.ଏନ.ଏ.):** ନୀଳଗିରି ବ୍ଲକ ଅନ୍ତର୍ଗତ ଜାମୁଡ଼ିହା ପଞ୍ଚାୟତ ବଡ଼ବିଲ ଗ୍ରାମରେ ସୋମବାର ଏକ ଅଘଟଣ ଘଟିଛି। ତପନ ନାୟକ(୧୯) ଜଣେ ଯୁବକ ନଦୀକୁ ଶୌଚ ପାଇଁ ଯାଇଥିବା ବେଳେ ତାଙ୍କ ଗୋଡ଼ ଖସିଯିବାରୁ ସେ ଭାସି ଯାଇଥିଲେ। ପରେ ତାଙ୍କ ବାପା ଓ ପଡ଼ୋଶୀ ତାଙ୍କୁ ଉଦ୍ଧାର କରି ଡାକ୍ତରଖାନାରେ ଭର୍ତ୍ତି କରାଇଥିଲେ। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଛନ୍ତି। ଏ ନେଇ ପୋଲିସ ପକ୍ଷରୁ ଏକ ଅପମୃତ୍ୟୁ ମାମଲା ରୁଜୁ କରାଯାଇଛି। ନୀଳଗିରି ଡାକ୍ତରଖାନାରେ ଶବ ବ୍ୟବଚ୍ଛେଦ କରାଯାଇ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି। ସେ ପରିବାରର ଏକମାତ୍ର ପୁତ୍ର ହୋଇଥିବାରୁ ପରିବାର ଏବଂ ଗ୍ରାମରେ ଶୋକାକୁଳ ପରିବେଶ ସୃଷ୍ଟି ହୋଇଛି।

### ମହିଳାଙ୍କ ଫେସ୍‌ବୁକ ଆକାଉଣ୍ଟରେ ଅଶ୍ଳୀଳ ଫଟୋ

#### ସମ୍ପର୍କୀୟ ଦିଅରଙ୍କ ନାମରେ ଥାନାରେ ମାମଲା

**ବାହାନଗା,୨୦।୮(ଡି.ଏନ.ଏ.):** ବାଲେଶ୍ୱର ଜିଲା ବାହାନଗା ବ୍ଲକ ବରିପଦା ଅଞ୍ଚଳରେ ଜଣେ ମହିଳାଙ୍କ ଫେସବୁକ୍ ଆକାଉଣ୍ଟରେ ଅଶ୍ଳୀଳ ଫଟୋ ପୋଷ୍ଟ କରାଯିବା ଘଟଣା ନେଇ ଖନ୍ତାପଡା ଥାନାରେ ଅଭିଯୋଗ ହୋଇଛି। ପୋଲିସ ଏନେଇ ଏକ ମାମଲା (ନଂ.୩୦୩/୧୮) ରୁଜୁ କରି ତଦନ୍ତ କରୁଛି। ଅଭିଯୋଗକାରୀ ମହିଳା ଜଣଙ୍କ ତାଙ୍କର ଜଣେ ସମ୍ପର୍କୀୟ ଦିଅରଙ୍କୁ ସନ୍ଦେହ କରି ଏତଲା ଦେଇଛନ୍ତି। ସେ ତାଙ୍କ ଅଭିଯୋଗରେ ଦର୍ଶାଇଛନ୍ତି ଯେ, ଗତ ଶୁକ୍ରବାର ଏହି ସମ୍ପର୍କୀୟ ଦିଅର ଘରକୁ ଆସି ତାଙ୍କ ମୋବାଇଲ ଫୋନ ମାଗି ନେଇଥିଲେ। ପରେ ସେ ତାଙ୍କ ଫେସ୍‌ବୁକ୍ ଆକାଉଣ୍ଟ ଖୋଲି ସେଥିରେ ଅଶ୍ଳୀଳ ଫଟୋ ପୋଷ୍ଟ କରିଦେଇଥିଲେ। ମହିଳା ଜଣକ ଏହା ଜାଣିବା ପରେ ତାଙ୍କ ସ୍ୱାମୀଙ୍କୁ ଜଣାଇଥିଲେ। ଶେଷରେ ସଂପୃକ୍ତ ମହିଳା ଥାନାକୁ ଯାଇ ସମ୍ପର୍କୀୟ ଦିଅରଙ୍କ ନାମରେ ଗତ ରବିବାର ଅଭିଯୋଗ କରିଛନ୍ତି। ଖନ୍ତାପଡା ଥାନା ଅଧିକାରୀ ଶ୍ରୀବଲ୍ଲଭ ସାହୁ ଘଟଣାର ତଦନ୍ତ କରୁଛନ୍ତି। ଅଭିଯୁକ୍ତ ସମ୍ପର୍କୀୟ ଦିଅର ଫେରାର ଥିବା ପୋଲିସ କହିଛି।


ଉଦଳା ଅସ୍ଥାୟୀ ରାସ୍ତା ଉପରେ ପାଣି ସୁଅ ଚାଲିଛି।

# ବାରିପଦା-ଉଦଳା ଯୋଗାଯୋଗ ବିଚ୍ଛିନ୍ନ

**ବଡ଼ସାହି,୨୦।୮(ସ୍ୱ.ପ୍ର)**

### ଲଗାଣ ବର୍ଷାରେ ଧୋଇଗଲା ଆପ୍ରୋଚ ରୋଡ

ଗତ ରବିବାର ରାତିରୁ ଲଘୁଚାପ ଜନିତ ଲଗାଣ ବର୍ଷା ଯୋଗୁ ମୟୂରଭଞ୍ଜ ଜିଲାର ବିଭିନ୍ନ ଅଞ୍ଚଳ ଜଳମଗ୍ନ ହୋଇପଡିଛି। ବଡ଼ସାହି ବ୍ଲକ କାଦୁଆଲବନ୍ଧ ଠାରେ ନିର୍ମାଣାଧୀନ ପୋଲର ଅସ୍ଥାୟୀ ରାସ୍ତା ଉପରେ ଆଣ୍ଠୁଏ ଉଚ୍ଚର ପାଣି ସୁଅ ଚାଲିଛି। ସେଠାରେ ନିର୍ମିତ ଆପ୍ରୋଚ ରୋଡ ସମ୍ପୂର୍ଣ୍ଣ ଧୋଇଯାଇଛି। ଫଳରେ ବାରିପଦା-ଉଦଳା ରାଜ୍ୟ ରାଜପଥ ବିଚ୍ଛିନ୍ନ ହୋଇପଡିଛି। ଯାନବାହନ ଚଳାଚଳ ସମ୍ଭବ ନ ହେବାରୁ ଲୋକେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଅନେକ ଯାନବାହନ ଓ ଯାତ୍ରୀ ଦୀର୍ଘ ୩୦କି.ମି. ଦୂର ବୁଲି ବାରିପଦାରୁ ଉଦଳାକୁ ଯାତାୟାତ କରୁଛନ୍ତି।

ବାରିପଦା-ଉଦଳା ରାଜ୍ୟ ରାଜପଥର କାଦୁଆଲବନ୍ଧ ଓ କରଞ୍ଜିଆଠାରେ ପୂର୍ତ୍ତ ବିଭାଗ ପକ୍ଷରୁ ନୂତନ ପୋଲ ନିର୍ମାଣ କାର୍ଯ୍ୟ ଚାଲୁରହିଛି। ଏହି ସ୍ଥାନରେ ଲୋକଙ୍କ ଯାତାୟାତ ସୁବିଧା ପାଇଁ ଅସ୍ଥାୟୀ ରାସ୍ତା ନିର୍ମାଣ କରାଯାଇଛି । ରାସ୍ତାର ନିର୍ମାଣ କାର୍ଯ୍ୟ ନିମ୍ନମାନର ହୋଇଥିବା ବେଳେ ଏହାର ଉଚ୍ଚତା କମ୍ ରହିଛି। ଫଳରେ ସାମାନ୍ୟ ବର୍ଷା ହେଲେ ଅସ୍ଥାୟୀ ରାସ୍ତା ଉପରେ ଉଦ୍‌ବୃତ୍ତ ବର୍ଷାପାଣି ପ୍ରବାହିତ ହେଉଛି। ରବିବାର ରାତିରୁ ଲାଗିରହିଥିବା ଲଗାଣ ବର୍ଷା ଯୋଗୁ କାଦୁଆଲବନ୍ଧ ଓ କରଞ୍ଜିଆଠାରେ ଥିବା ଅସ୍ଥାୟୀ ରାସ୍ତା ଉପରେ ପ୍ରାୟ ୨ଫୁଟରୁ ଅଧିକ ଉଚ୍ଚରେ ପାଣି ପ୍ରବାହିତ ହୋଇଥିଲା। ଫଳରେ ରାସ୍ତାର ଉଭୟ ପାର୍ଶ୍ୱରେ ଶହ ଶହ ଯାନବାହନ ଦୀର୍ଘ ସମୟ ଧରି ଅଟକି ରହିଥିଲା। ଆପତ୍ତକାଳୀନ ସେବା ଯୋଗାଉଥିବା ଆମ୍ବୁଲାନ୍ସ, ଦମକଳ ବାରିପଦା ମୁଖ୍ୟାଳୟକୁ ଯାଇ ପାରି ନ ଥିଲା। ଏଭଳି ସ୍ଥିତିରେ ବାରିପଦା-ପ୍ରତାପପୁର-ଡୁକୁରା ଦେଇ ଲୋକେ ଅଧିକ ୩୦ କି.ମି. ବୁଲି ଯାତାୟାତ କରିଥିଲେ। ସୋମବାର ଦିନ ତମାମ ଆପ୍ରୋଚ ରୋଡ ଉପରେ ପାଣି ଚାଲିଥିବାରୁ ଗମନାଗମନ ସମ୍ଭବ ହୋଇପାରି ନାହିଁ। ଏ ସମ୍ପର୍କରେ ପୂର୍ତ୍ତ ବିଭାଗ ନିର୍ବାହୀଯନ୍ତ୍ରୀ ପ୍ରଶାନ୍ତ ପଣ୍ଡାଙ୍କୁ ପଚାରିବାରୁ କହିଛନ୍ତି, ପାଣି ଛାଡିଲେ ଯଥାଶୀଘ୍ର ଆପ୍ରୋଚ ରୋଡ଼ ମରାମତି କରାଯାଇ ଯାତାୟାତ ବ୍ୟବସ୍ଥାକୁ ସ୍ୱାଭାବିକ କରାଯିବ। ଏଥିସକାଶେ ଆବଶ୍ୟକ ସରଞ୍ଜାମ ଗଚ୍ଛିତ ରଖାଯାଇଛି। ତେବେ ଗୁଡିଆଲବନ୍ଧ ସରପଞ୍ଚ ଦାଶରଥି କାଣ୍ଡି, ଗୌତମ ସାହୁ, ହୃଷୀକେଶ ସେନାପତି, ଚନ୍ଦ୍ରଶେଖର ପାତ୍ର, ବିମଳ ଲୋଚନ ପ୍ରତିହାରୀ ପ୍ରମୁଖ ପ୍ରଶାସନର ଦୁରଦୃଷ୍ଟି ଅଭାବ ଯୋଗୁ ଅଞ୍ଚଳବାସୀ ଯାତାୟାତ ସମସ୍ୟାର ସମ୍ମୁଖୀନ ହୋଇଥିବା ଦର୍ଶାଇଛନ୍ତି।

# ସଡ଼କ ଦୁର୍ଘଟଣାରେ ୨ ମୃତ

**ବାଲେଶ୍ୱର ଅଫିସ, ୨୦।୮**

ବାଲେଶ୍ୱର ଜିଲା ସହଦେବଖୁଣ୍ଟା ଥାନା ଅଧୀନ ଫୁଲାଡ଼ି ଛକରେ ସୋମବାର ପୂର୍ବାହ୍ନରେ ଏକ ମର୍ମନ୍ତୁଦ ସଡ଼କ ଦୁର୍ଘଟଣା ଘଟିଛି। ଏଥିରେ ୨ଜଣଙ୍କ ମୃତ୍ୟୁ ହୋଇଥିବା ବେଳେ ଅନ୍ୟ ଜଣେ ଆହତ ହୋଇଛନ୍ତି। ଆହତଙ୍କୁ ଗୁରୁତର ଅବସ୍ଥାରେ କଟକ ମେଡ଼ିକାଲକୁ ସ୍ଥାନାନ୍ତର କରାଯାଇଛି। ମୃତକ ହେଲେ ମୟୂରଭଞ୍ଜ ଜିଲା ବୈଶିଙ୍ଗା ଥାନା ଅଧୀନ କଳମା ଅଞ୍ଚଳର ପ୍ରଦୀପ ମହାପାତ୍ର ଓ ଲକ୍ଷ୍ମୀପୁରା ଗ୍ରାମର ଇନ୍ଦ୍ରମଣି ଦଣ୍ଡପାଟ। ଆହତଜଣକ ହେଲେ କଳମା ଗ୍ରାମର ରମେଶ ଦାସ। ବାଲେଶ୍ୱର ସହରରୁ ପ୍ରଦୀପ, ଇନ୍ଦ୍ରମଣି ଏବଂ ରମେଶ ଗୋଟିଏ ବାଇକ୍ (ନଂ.ଓଡି୦୧ଡି-୨୩୮୭)ରେ ଘରକୁ ଫେରୁଥିଲେ। ଫୁଲାଡ଼ି ଛକରେ ଏକ ଡମ୍ପର ଓ ବାଇକ୍ ମଧ୍ୟରେ ଧକ୍କା ହେବାରୁ ଘଟଣାସ୍ଥଳରେ ଇନ୍ଦ୍ରମଣିଙ୍କ ମୃତ୍ୟୁ ହୋଇଥିଲା। ପ୍ରଦୀପ ଓ ରମେଶଙ୍କୁ ଗୁରୁତର ଅବସ୍ଥାରେ ବାଲେଶ୍ୱର ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରଦୀପଙ୍କ ମୃତ୍ୟୁ ହୋଇଥିଲା। ରମେଶଙ୍କ ସ୍ୱାସ୍ଥ୍ୟାବସ୍ଥା ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ମେଡିକାଲକୁ ସ୍ଥାନାନ୍ତର କରାଯାଇଛି। ଏନେଇ ସହଦେବଖୁଣ୍ଟା ଥାନା ପୋଲିସ ଏକ ମାମଲା (ନଂ.୨୪୩/୧୮) ରୁଜୁ କରି ତଦନ୍ତ ଜାରି ରଖିଛି।

# ଟ୍ରେନ ଧକ୍କାରେ ମହିଳା ମୃତ

**ତିହିଡ଼ି,୨୦।୮(ଡି.ଏନ.ଏ.)**

ଭଦ୍ରକ-ଧାମରା ରେଳପଥର ମିର୍ଜାପୁର ନିକଟରେ ସୋମବାର ମଧ୍ୟାହ୍ନରେ ଟ୍ରେନ ଧକ୍କାରେ ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ମହିଳା ହେଲେ କାଁପଡ଼ା ଗ୍ରାମର ସଞ୍ଜୁଲତା ଦାସ(୫୦)। ସେ ମାନସିକ ଅନଗ୍ରସର ଥିଲେ। ସେ ରେଳପଥରେ ବୁଲୁଥିବା ବେଳେ ଧାମରାରୁ ଭଦ୍ରକ ଅଭିମୁଖେ ଯାଉଥିବା ଟ୍ରେନ ତାଙ୍କୁ ଧକ୍କା ଦେଇଥିଲା। ଘଟଣାସ୍ଥଳରେ ତାଙ୍କର ମୃତ୍ୟୁ ଘଟିଥିଲା। ତିହିଡ଼ି ଥାନା ପୋଲିସ ଏନେଇ ଏକ ଅପମୃତ୍ୟୁ ମାମଲା (ନଂ.୫୯/୧୮) ରୁଜୁ କରି ମୃତଦେହ ବ୍ୟବଚ୍ଛେଦ ପାଇଁ ପଠାଇଛି।




# ବିଦ୍ୟାଳୟରୁ ୨୧ ବସ୍ତା ଚାଉଳ ଚୋରି

**ଚାନ୍ଦବାଲି,୨୦।୮(ଡି.ଏନ.ଏ.)**

ଭଦ୍ରକ ଜିଲା ଚାନ୍ଦବାଲି ବ୍ଲକ ଅଧୀନ ମା' ଧାମରାଈ ଉନ୍ନୀତ ମଧ୍ୟଇଂରାଜୀ ବିଦ୍ୟାଳୟ ଶ୍ରେଣୀଗୃହରୁ ୨୧ ବସ୍ତା ମଧ୍ୟାହ୍ନଭୋଜନ ଚାଉଳ ଚୋରି ହୋଇଯାଇଥିବା ଧାମରା ମେରାଇନ ଓ ବାଂଶଡା ଥାନାରେ ଅଭିଯୋଗ ହୋଇଛି। ମେରାଇନ ପୋଲିସ ସ୍କୁଲକୁ ଯାଇ ପଚରାଉଚରା କରି ଘଟଣାର ତଦନ୍ତ କରିଛି। ତେବେ ଏହି ଶିକ୍ଷାନୁଷ୍ଠାନ ବାଂଶଡା ଥାନା ଅଧୀନ ବୋଲି ଜଣାପଡିବାରୁ ପ୍ରଧାନଶିକ୍ଷୟିତ୍ରୀ ଶକୁନ୍ତଳା ଦାଶ ଏ ସମ୍ପର୍କରେ ବାଂଶଡା ଥାନାରେ ଅଭିଯୋଗ କରିବାରୁ ସେଠାକାର ପୋଲିସ ଷ୍ଟକଖାତା ଆଦି ଯାଞ୍ଚ ପାଇଁ ମାଗିଥିବା ସୂଚନା ମିଳିଛି। ଏହି ବିଦ୍ୟାଳୟରେ ୧ମରୁ ୮ମ ଶ୍ରେଣୀ ଯାଏ ମୋଟ ୨୧୯ ଛାତ୍ରୀଛାତ୍ର ଅଧ୍ୟୟନ କରୁଛନ୍ତି। ସ୍କୁଲ ପିଲାଙ୍କ ପାଇଁ ଆସୁଥିବା ମଧ୍ୟାହ୍ନଭୋଜନ ଚାଉଳକୁ ଏକ ଗୃହରେ ଗଚ୍ଛିତ ରଖାଯାଉଥିଲା। ତେବେ ବର୍ଷା ଯୋଗୁ ସେଠାରେ ଚାଉଳ ଓଦା ହେବାରୁ ଏହାକୁ ଅନ୍ୟ ଏକ ଶ୍ରେଣୀଗୃହକୁ ଶନିବାର ସ୍ଥାନାନ୍ତର କରାଯାଇଥିଲା। ସୋମବାର ବିଦ୍ୟାଳୟ ଖୋଲିବା ପରେ ଶ୍ରେଣୀଗୃହ ତାଲା ଭଙ୍ଗା ହୋଇଥିବା ଏବଂ ୨୧ ବସ୍ତା ଚାଉଳ ନ ଥିବା ଦେଖାଯାଇଥିଲା। ଚୋରମାନେ ଏହାକୁ ନେବାବେଳେ ରାସ୍ତାରେ ମଧ୍ୟ ଚାଉଳ ପଡିଥିବାର ଦେଖିବାକୁ ମିଳିଥିଲା। ବିଇଓ ପ୍ରଣୟ କୁମାର ନାୟକଙ୍କୁ ପଚାରିବାରୁ କହିଛନ୍ତି, ପାଇକସାହି କ୍ଲଷ୍ଟରର ସିଆର୍‌ସିଙ୍କୁ ଘଟଣାର ତଦନ୍ତ ପାଇଁ ପଠାଯାଇଥିଲା। ପ୍ରାରମ୍ଭିକ ଯାଞ୍ଚ ପରେ ଚାଉଳ ଚୋରି ସମ୍ପର୍କରେ ଥାନାରେ ଅଭିଯୋଗ କରାଯାଇଛି।




# ଚଢ଼ାଉ ବେଳେ ୨ ବେଆଇନ କ୍ଲିନିକ ଠାବ

**ବାଲେଶ୍ୱର ଅଫିସ/ସଜନାଗଡ଼, ୨୦।୮ (ଡି.ଏନ୍.ଏ.)**

ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ସୋମବାର ଚଢ଼ାଉ କରାଯାଇ ବାଲେଶ୍ୱର ଜିଲାରେ ଚାଲିଥିବା ଦୁଇଟି ବେଆଇନ କ୍ଲିନିକ୍ ଠାବ କରାଯାଇଛି। ଡ୍ରଗ୍‌ସ ଇନ୍ସପେକ୍ଟର ଜ୍ଞାନଦା ଶୁଭଦର୍ଶନୀ ନନ୍ଦାଙ୍କ ନେତୃତ୍ୱରେ ଏକ ଦଳ ନୀଳଗିରି ପୋଲିସ ଏବଂ ମାଜିଷ୍ଟ୍ରେଟ୍ ଦାୟିତ୍ୱରେ ଥିବା ନୀଳଗିରି ଅତିରିକ୍ତ ତହସିଲଦାର ରାକେଶ ପଣ୍ଡାଙ୍କ ଉପସ୍ଥିତିରେ ୩ଟି ସ୍ଥାନରେ ଚଢାଉ କରିଥିଲା। ନରସିଂହପୁର ଓ ସିଙ୍ଗିରି ଗ୍ରାମରେ ଥିବା ଦୁଇଟି ବେଆଇନ କ୍ଲିନିକ ଠାବ କରାଯିବା ସାଙ୍ଗକୁ ମିତ୍ରପୁର ବଜାରସ୍ଥିତ ଭବାନୀ ମେଡ଼ିକାଲ ଷ୍ଟୋର ଉପରେ ରାତି ୮ଟା ପର୍ଯ୍ୟନ୍ତ ଚଢ଼ାଉ ଜାରି ରହିଥିଲା। ଏଡି ଚଢାଉ ସମୟରେ କେତେକ ଏକ୍ସପାଏରି ଏବଂ ନିଷିଦ୍ଧ ଘୋଷଣା ହୋଇଥିବା ଔଷଧ ଜବତ କରାଯାଇ ସେସବୁକୁ ନଷ୍ଟ କରି ଦିଆଯାଇଛି।

**ଧରିତ୍ରୀ ପ୍ରଭାବ**

ବାଲେଶ୍ୱର ଜିଲାରେ ଶତାଧିକ ବେଆଇନ ଔଷଧ ଦୋକାନ ଓ ଚିକିତ୍ସାକେନ୍ଦ୍ର ଚାଲୁଥିବା ଏବଂ କେତେକ ଫାର୍ମାସିଷ୍ଟଙ୍କ ପ୍ରମାଣପତ୍ରକୁ ଜାଲିଆତି କରି ଲାଇସେନ୍ସ ହାତେଇ ଔଷଧ ମାଫିଆମାନେ ବେପାର ଚଳାଇଥିବା ଫାର୍ମାସିଷ୍ଟ ସଂଘ ଅଭିଯୋଗ କରିଥିଲା। ଜିଲାରେ ୯୦୦ ଔଷଧ ଦୋକାନ ମଧ୍ୟରୁ ୬୦୦ ଏବଂ ୩୦୦ ହୋଲସେଲ୍ ଔଷଧ ଦୋକାନ ମଧ୍ୟରୁ ୧୫୦ ବେଆଇନ ଭାବେ ଚାଲିଥିବା ସଂକ୍ରାନ୍ତରେ ଗତ ଜୁଲାଇ ୨୦ ତାରିଖରେ ଏକ ସ୍ୱତନ୍ତ୍ର ଖବର ଧରିତ୍ରୀରେ ପ୍ରକାଶ ପାଇଥିଲା। ଏହାର ଶୀର୍ଷକ ଥିଲା 'ବାଜିରେ ଲାଗିଛି ରୋଗୀଙ୍କ ଜୀବନ'। ଉକ୍ତ ଖବର ପ୍ରକାଶ ପାଇବା ପରେ ରାଜ୍ୟ ସରକାରଙ୍କ ସ୍ୱାସ୍ଥ୍ୟ ବିଭାଗ ତତ୍ପରତା ପ୍ରକାଶ କରି ବାଲେଶ୍ୱର ଜିଲା ମୁଖ୍ୟଚିକିତ୍ସାଧିକାରୀ ଡା. ବିବେକାନନ୍ଦ ଦାସ ଏବଂ ଡ୍ରଗ୍‌ସ କଣ୍ଟ୍ରୋଲର ମାମିନା ପଟ୍ଟନାୟକଙ୍କୁ କାର୍ଯ୍ୟାନୁଷ୍ଠାନ ପାଇଁ ନିର୍ଦ୍ଦେଶ ଦେଇଥିଲେ।


ବାଲେଶ୍ୱର-ସୋମବାର-ଡ୍ରଗ୍‌ସ ବିଭାଗ ପକ୍ଷରୁ ବେଆଇନ କ୍ଲିନିକ ଓ ଔଷଧ ଦୋକାନ ଉପରେ ଚଢ଼ାଉ।

ଡ୍ରଗ୍‌ସ ଇନ୍ସପେକ୍ଟର ନନ୍ଦା ଉପରୋକ୍ତ ସୂଚନା ଦେଇ କହିଛନ୍ତି ଯେ, ସରକାରୀ ଭାବେ ନିଷିଦ୍ଧ କେତେକ ଔଷଧ ସମେତ ଏକ୍ସପାଏରି ଔଷଧ ରୋଗୀଙ୍କୁ ବିତରଣ କରାଯାଉଥିବା ଏବଂ ଜଣେ ଫାର୍ମାସିଷ୍ଟ ବିଭିନ୍ନ ସ୍ଥାନରେ ବେଆଇନ୍ ଭାବେ କାର୍ଯ୍ୟ କରି ଆସୁଥିବା ଅଭିଯୋଗକୁ ଆଧାର କରି ଚଢ଼ାଉ କରାଯିବା ବେଳେ କେତେକ ତଥ୍ୟ ପଦାକୁ ଆସିଛି। ଯାଞ୍ଚ ସରିବା ପରେ ଏ ଦିଗରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ। ଯାଞ୍ଚକାରୀ ଦଳ ସୋମବାର ନୀଳଗିରି ଥାନା ଅଧୀନ ନରସିଂହପୁର ଗ୍ରାମର ବୀରେନ୍ଦ୍ର କୁମାର ଜେନାଙ୍କ କ୍ଲିନିକ୍ ଉପରେ ପ୍ରଥମେ ଚଢ଼ାଉ କରିଥିଲେ। ସେଠାରୁ ଏକ୍ସପାଏରୀ ଔଷଧ, ଫିଜିସିଆନ୍ ସାମ୍ପୁଲ୍ ଜବତ ହୋଇଛି। ବୀରେନ୍ଦ୍ର ଜଣେ ଫର୍ମାସିଷ୍ଟ। ସେ ଏକ ପେପର ମିଲ୍‌ରେ ଫାର୍ମାସିଷ୍ଟ ଭାବେ ଚାକିରି କରିବା ସହ ଭଦ୍ରକ ଆଗରପଡ଼ା ଶ୍ରୀ ଦୁର୍ଗା ଷ୍ଟୋର୍‌କୁ ନିଜର ଲାଇସେନ୍ସ ବିକ୍ରି କରିଛନ୍ତି। ଏହାଛଡା ଫକୀରମୋହନ ୟୁନିଭର୍‌ସିଟିରେ ଫାର୍ମାସିଷ୍ଟ ଭାବେ ନିଯୁକ୍ତି ପାଇ ୧୯୯୮ ମସିହାରୁ କାର୍ଯ୍ୟ କରୁଥିବାରୁ ଅଭିଯୋଗ ରହିଛି। ସେହିପରି ନୀଳଗିରି ଥାନା ଅଧୀନ ସିଙ୍ଗିରି ଗ୍ରାମର ଲମ୍ବୋଦର ସାମନ୍ତରାୟଙ୍କ ବେଆଇନ୍ କ୍ଲିନିକ ଉପରେ ଚଢାଉ କରି ଯାଞ୍ଚ କରାଯାଇଛି ବୋଲି ଡ୍ରଗ୍‌ସ ଇନ୍ସପେକ୍ଟର ନନ୍ଦା ପ୍ରକାଶ କରିଛନ୍ତି।




3-Printed and published by Tathagata Satpathy on behalf of Navajat Printers & Media Pvt. Ltd. and printed at Navajat Printers, B-15, Industrial Estate, Rasulgarh, Bhubaneswar, Editor - Tathagata Satpathy, ସମ୍ପାଦକ- ତଥାଗତ ସତପଥୀ

**ସଂକ୍ଷେପରେ**

## ଆର୍‌ଏମ୍‌ଏସ୍‌ରେ ଡାକ ବୁକିଂ ବନ୍ଦ

**କେନ୍ଦୁଝର, ୨୦।୮(ସ୍ୱ.ପ୍ର):** କେନ୍ଦୁଝର ଜିଲା ମୁଖ୍ୟାଳୟ ଜେଲ ରୋଡ୍‌ରେ ରହିଛି ରେଲୱେ ମେଲ ସର୍ଭିସର ସଟିଂ କେନ୍ଦ୍ର। ଉକ୍ତ କେନ୍ଦ୍ରରେ ଜିଲାର ବିଭିନ୍ନ ଡାକଘରରୁ ଆସୁଥିବା ଚିଠି ସଟିଂ କରାଯାଇ ଯାଜପୁର ପଠାଯାଇଥା। ସେଠାରୁ ଟ୍ରେନ୍ ଯୋଗେ ଦେଶର ବିଭିନ୍ନ ରାଜ୍ୟକୁ ଯାଇଥାଏ। ଲୋକଙ୍କ ସୁବିଧା ପାଇଁ ସ୍ପିଡ ପୋଷ୍ଟ ଓ ରେଜିଷ୍ଟ୍ରି ବୁକିଂ କେନ୍ଦ୍ର କେନ୍ଦୁଝରରେ ଖୋଲାଯାଇଛି। ଡାକଘର ସେବା ସମୟ ପରେ ଅର୍ଥାତ ୪ରୁ ୮ ପର୍ଯ୍ୟନ୍ତ ସ୍ପିଡ ପୋଷ୍ଟ ଓ ରେଜିଷ୍ଟ୍ରି କରାଯିବା ସୁବିଧା ରହିଛି। ନେଟ୍‌ୱାର୍କ ସମସ୍ୟା ଯୋଗୁଁ ଗତ ୧୦ ଦିନ ହେଲା ସେବା ବନ୍ଦ ରହିଥିବାରୁ ଲୋକେ ବହୁ ଅସୁବିଧା ଭୋଗୁଛନ୍ତି।

## ବିଦ୍ୟାଳୟରୁ ବାଇକ୍ ଚୋରି

**ପାଟଣା, ୨୦।୮(ସ୍ୱ.ପ୍ର.):** ପାଟଣା ବ୍ଲକ ଖିରେଇଟାଙ୍ଗିରୀ ଉଚ୍ଚ ବିଦ୍ୟାଳୟରୁ ଶନିବାର ରାତିରେ ଚୋରି ହୋଇଛି। କାର୍ଯ୍ୟାଳୟ ଗୃହର ତାଲା ଭାଙ୍ଗି ୨ କମ୍ପ୍ୟୁଟର ସହ ଏକ ବାଇକ୍‌କୁ ଦୁର୍ବୃତ୍ତ ଚୋରି କରିଥିବା ତୁରୁମୁଙ୍ଗା ଥାନାରେ ପ୍ରଧାନ ଶିକ୍ଷୟିତ୍ରୀ ମିନତି ମିଶ୍ର ଅଭିଯୋଗ କରିଛନ୍ତି। ରାତି ଜଗୁଆଳ ସୁବାସ ଚନ୍ଦ୍ର ମିଶ୍ର କମ୍ପ୍ୟୁଟର କକ୍ଷରେ ଶୋଇଥିଲେ। ସେହି ସମୟରେ ଦୁର୍ବୃତ୍ତ ସୁବାସଙ୍କ ବାଇକ୍ ସହ ଅମଲାଙ୍କ କକ୍ଷ କବାଟ ଭାଙ୍ଗି ଦୁଇଟି ପୁରୁଣା ସିପିୟୁ ଚୋରି କରି ନେଇଥିଲେ। ତୁରୁମୁଙ୍ଗା ଥାନା ଅଧିକାରୀ ବିଜୟକୃଷ୍ଣ ମହାପାତ୍ର ଘଟଣାଟିର ତଦନ୍ତ ଜାରି ରଖିଛନ୍ତି।

## ମୂର୍ଗା ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଭିଡ଼

**ଯୋଡ଼ା,୨୦।୮(ଡି.ଏନ.ଏ.):** ଯୋଡ଼ା ବ୍ଲକ ଦେଓଝର ପଞ୍ଚାୟତ ଓଡ଼ିଶାର ପ୍ରସିଦ୍ଧ ଶୈବପୀଠ ମୂର୍ଗା ମନ୍ଦିରରେ ସୋମବାର ଶ୍ରଦ୍ଧାଳୁଙ୍କ ଭିଡ଼ ଜମିଥିଲା। ରାତି ୧୨ଟାରୁ କାଉଡିଆମାନେ ଝାଡଖଣ୍ଡ ରାଜ୍ୟର ରାମତୀର୍ଥ ଓ ଓଡ଼ିଶାର ବାସୁଦେବପୁରସ୍ଥିତ ବୈତରଣୀରୁ ଜଳ ନେଇ ମନ୍ଦିରରେ ଜଳାଭିଷେକ କରିଥିଲେ। ମନ୍ଦିରରେ କାଉଡିଆ ଓ ଶ୍ରଦ୍ଧାଳୁଙ୍କ ଦର୍ଶନ ପାଇଁ ମନ୍ଦିର କମିଟି ପକ୍ଷରୁ ସ୍ୱତନ୍ତ୍ର ବ୍ୟବସ୍ଥା କରାଯାଇଥିଲା। ବ୍ୟାପକ ପୋଲିସ ମୁତୟନ ହୋଇଥିଲେ। ବଦାନ୍ୟ ବ୍ୟକ୍ତିଙ୍କ ଦ୍ୱାରା ବିଭିନ୍ନ ସ୍ଥାନରେ ପ୍ରସାଦ ସେବନ ଓ ଚିକିତ୍ସା ସେବା ଯୋଗାଇ ଦିଆଯାଇଥିବା ଧବଳେଶ୍ୱର କମିଟିର ଉପସଭାପତି ବୀର ନାଏକ ସୂଚନା ଦେଇଥିଲେ।
ଯୋଡା ବ୍ଲକର ମହାଦେବ ନସା ଗ୍ରାମର ଧନେଶ୍ୱର ଶିବ ମନ୍ଦିର, ହାଣ୍ଡି ଭଙ୍ଗା ଶିବ ମନ୍ଦିର, ଆଜାଦ ବସ୍ତି ଶିବ ମନ୍ଦିର, ଜୁରୁଡିର ଏସେଲ ଓ କାଣ୍ଡେ ମନ୍ଦିର, ଯୋଡାସ୍ଥିତ କଳାପାହାଡ ଶିବ ମନ୍ଦିର, କମଲପୁର ନିକଟସ୍ଥ ତିନି ଧାରିଆ ଶିବ ମନ୍ଦିର, କେନ୍ଦ୍ରୀୟ ଚିକିତ୍ସାଳୟ ଶିବ ମନ୍ଦିରରେ ଶ୍ରଦ୍ଧାଳୁଙ୍କର ଭିଡ ଲାଗିଥିଲା। ଯୋଡା ବ୍ଲକର ପ୍ରସିଦ୍ଧ ମୂର୍ଗା ମନ୍ଦିରକୁ ଜଳାଭିଷେକ ପାଇଁ ରାଜ୍ୟ ତଥା ଝାଡଖଣ୍ଡ, ପଶ୍ଚିମବଙ୍ଗ, ବିହାରର ଶ୍ରଦ୍ଧାଳୁ ଆସିଥିଲେ।

## ସାପ ନେଲା ଝିଅର ଜୀବନ, ବାପା ଗୁରୁତର

**ରାଇସୁଆଁ,୨୦।୮(ଡି.ଏନ.ଏ.):** କେନ୍ଦୁଝର ଜିଲା ସଦର ବ୍ଲକ ଶଙ୍କିର ଗ୍ରାମର ସୁକୁଲାଲ ମୁଣ୍ଡା ଏବଂ ତାଙ୍କ ଝିଅ କୁନ୍ତଳାଙ୍କୁ ରାତିରେ ଶୋଇଥିବା ସମୟରେ ସାପ କାମୁଡ଼ି ଦେଇଥିଲା। ଫଳରେ ବାପ ଏବଂ ଝିଅ ଗୁରୁତର ହୋଇ ଶନିବାର ରାତିରେ କେନ୍ଦୁଝର ମୁଖ୍ୟଚିକିତ୍ସାଳୟରେ ଭର୍ତ୍ତି ହୋଇଥିଲେ। କୁନ୍ତଳାଙ୍କ ରବିବାର ଭୋର ମୃତ୍ୟୁ ଘଟିଥିଲା। ଗୁରୁତର ହେବାରୁ ଶୁକୁଲାଲଙ୍କୁ କଟକ ପଠାଯାଇଛି।

## ମଦ ଜବତ, ୩ ଗିରଫ



**ପାଟଣା, ୨୦।୮(ସ୍ୱ.ପ୍ର.):** ପାଟଣା ଅବକାରୀ ଅଧିକାରୀଙ୍କ ପକ୍ଷରୁ ଚଢ଼ାଉ କରାଯାଇ ସୋମବାର ପୂର୍ବାହ୍ନରେ ୨୫ ଲି. ମହୁଲି ମଦ ଜବତ ହୋଇଛି। ଏଥିସହ ୩ ଜଣଙ୍କୁ ଗିରଫ କରି କୋର୍ଟ ଚାଲାଣ କରାଯାଇଛି। ଗିରଫ ବ୍ୟକ୍ତି ହେଲେ ଖିରେଇଟାଙ୍ଗିରିର ନିତ୍ୟାନନ୍ଦ ମଣ୍ଡଳ, କଣ୍ଟିଆପଡ଼ାର ସୁରେନ୍ଦ୍ର ବେହେରା ଓ ଭାନୁମତୀ ବେହେରା। ଚଢ଼ାଉରେ ଅବକାରୀ ନିରୀକ୍ଷକ ସିଦ୍ଧେଶ୍ୱର ବେସ୍ରା, ଉପନିରୀକ୍ଷକ ନଗେନ୍ଦ୍ର କୁମାର ପ୍ରଧାନଙ୍କ ସହ ତାଙ୍କ ସହଯୋଗୀ ସାମିଲ ହୋଇଥିଲେ।

# ଶାନ୍ତିପୂର୍ଣ୍ଣ ଧାରଣାକାରୀଙ୍କୁ ଆକ୍ରମଣ

**ଯୋଡ଼ା, ୨୦।୮(ଡି.ଏନ.ଏ.)**



ଏସେଲ ଖଣିରେ ଶ୍ରମିକଙ୍କ ଧାରଣା।

■ଖଣି କମ୍ପାନୀର ଗୁଣ୍ଡାରାଜ
■ଆଦିବାସୀଙ୍କୁ ଦୁର୍ବ୍ୟବାର

କେନ୍ଦୁଝର ଜିଲା ଯୋଡ଼ା ଖଣି ମଣ୍ଡଳର ଜୁରୁଡିସ୍ଥିତ ଏସେଲ ମାଇନିଂ ଏଣ୍ଡ ଇଣ୍ଡଷ୍ଟ୍ରିଜ ଲିମିଟେଡର ଜିଲିଂ ଖଣି କାର୍ଯ୍ୟାଳୟ ସମ୍ମୁଖରେ ସୋମବାର କେତେ ଜଣ ଶ୍ରମିକ ଶାନ୍ତିପୂର୍ଣ୍ଣ ଧାରଣା ଦେଇଥିଲେ। ସେମାନଙ୍କୁ ଗୁଣ୍ଡା ଲଗାଇ ଆକ୍ରମଣ କରାଯାଇଥିବା ଅଭିଯୋଗ ହୋଇଛି। କେନ୍ଦୁଝର ମାଇନ୍ସ ଏଣ୍ଡ ଫରେଷ୍ଟ ୱାରକର୍ସ ୟୁନିୟନ (ଏଆଇଟିୟୁସି) ପକ୍ଷରୁ ପୂର୍ବ ନିର୍ଦ୍ଧାରିତ କାର୍ଯ୍ୟକ୍ରମ ଅନୁଯାୟୀ ଲିଖିତ ଭାବେ ପ୍ରଶାସନ ଏବଂ କମ୍ପାନୀକୁ ଜଣାଇ ଶ୍ରମିକମାନେ ଧାରଣା ଦେଇଥିଲେ। କେତେ ଜଣ ଲୋକ ଘଟଣାସ୍ଥଳକୁ ଆସି ଧାରଣାକାରୀଙ୍କୁ ସେଠାରୁ ଚାଲିଯିବାକୁ କହିଥିଲେ। ଧାରଣାକାରୀମାନେ ସେଠାରୁ ନ ଯିବାରୁ ସେମାନଙ୍କୁ ଆକ୍ରମଣ କରାଯିବା ସହ ମହିଳାମାନଙ୍କୁ ଦୁର୍ବ୍ୟବାର କରାଯାଇଥିଲା। ଧାରଣା ଦେଲେ ମହିଳା ଶ୍ରମିକଙ୍କୁ ବଳାତ୍କାର କରାଯିବ ବୋଲି ଧମକ ଦିଆଯାଇଥିଲା ବୋଲି ଆଦିବାସୀ ମହିଳା ଦଶମା ମୁଣ୍ଡା, ପଦ୍ମିନୀ ମହାକୁଡ, ନିଳାଦ୍ରୀ ଭୂଷଣ ମହାନ୍ତ, ସୋରଜ କୁମାର ଆଚାର୍ଯ୍ୟ ଅଭିଯୋଗ କରିଛନ୍ତି।

ଦାବି ପୂରଣ ପାଇଁ ଲିଖିତ ଭାବେ କମ୍ପାନୀ କର୍ତ୍ତୃପକ୍ଷଙ୍କୁ ଜଣାଇ ଦିଆଯାଇଥିଲା। ୨୦ ଦିନର ସମୟ ଅବଧି ନେଇ ଦାବି ପୂରଣ କରିବା ପାଇଁ କମ୍ପାନୀ ପ୍ରତିଶ୍ରୁତି ଦେଇଥିଲା। ସମୟ ବିତିଯାଇ ଥିଲେ ହେଁ କମ୍ପାନୀ ହେୟଜ୍ଞାନ କରି ତାର ଖଣିକାର୍ଯ୍ୟ ଚାଲୁ ରଖିଥିଲା। ଦାବି ପୂରଣ ପାଇଁ ଶ୍ରମିକମାନେ ଧାରଣାରେ ବସିଥିଲେ। କେନ୍ଦୁଝର ମାଇନ୍ସ ଫରେଷ୍ଟ ୱାରକର୍ସ ୟୁନିୟନର ଉପସଭାପତି କାହ୍ନୁ ଚରଣ ସାମଲଙ୍କୁ ପଚାରିବାରୁ ବିଭିନ୍ନ ଦାବିରେ ଶ୍ରମିକମାନେ ଧାରଣା ଦେଇଥିଲେ। ଭଣ୍ଡୁର କରିବା ପାଇଁ କମ୍ପାନୀ ଷଡଯନ୍ତ୍ର କରିଥିବା ସେ କହିଛନ୍ତି। ଅମାନବିକ ଭାବେ ଶ୍ରମିକମାନଙ୍କ ଉପରେ ଗୁଣ୍ଡା ଲଗାଇ ସଂଘବଦ୍ଧ ଆକ୍ରମଣକୁ ଏଆଇଟିୟୁସି ପକ୍ଷରୁ ମହେଶ୍ୱର ରାଉତ, ବିଦ୍ୟାଧର ମହାନ୍ତ ଓ ଅନ୍ୟ କର୍ମକର୍ତ୍ତା ନିନ୍ଦା କରିଛନ୍ତି। ଏହାର ତଦନ୍ତ କରି କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଦାବି ହୋଇଛି। ୨୦୧୪ରେ ଜନ ଶୁଣାଣି ଓ ଗ୍ରାମସଭା ସମୟରେ କମ୍ପାନୀ ଦେଇଥିବା ପ୍ରତିଶ୍ରୁତି ଭୁଲି ଯାଇଥିବା ସ୍ଥାନୀୟ କମଳପୁର ଅଞ୍ଚଳର ରାଜେନ୍ଦ୍ର କୁମାର ବାରିକ ଅଭିଯୋଗ କରିଛନ୍ତି। ଘଟଣାସ୍ଥଳରେ ବାମେବାରୀ ଥାନା ଅଧିକାରୀ ପରେଶ କୁମାର ମହାନ୍ତି ସଦଳବଳେ ପହଞ୍ଚି ପରିସ୍ଥିତି ନିୟନ୍ତ୍ରଣ କରିଥିଲେ। ଯୋଡା ଆଇଆଇସି ମନୋଜ କୁମାର ରାଉତ କମ୍ପାନୀ ଅଧିକାରୀଙ୍କ ସହ ଆଲୋଚନା କରିଥିଲେ। ପୂର୍ବାହ୍ନ ପ୍ରାୟ ୧୧ଟା ସମୟରେ ଖଣି ଅଧିକାରୀ ଏବଂ ବଡବିଲ ଏସଡିପିଓ ରାହୁଲ ଜୈନ ପହଞ୍ଚି ଏସେଲ ଖଣିର ମନ୍ଦିର ନିକଟରେ ଧରଣାରତ ଥିବା ଶ୍ରମିକଙ୍କୁ ୧୫ମିନିଟ ମଧ୍ୟରେ ସ୍ଥାନ ଖାଲି କର ବୋଲି କହିଥିଲେ। ନଚେତ ୧୪୪ ଧାରା ଲାଗୁ କରାଯିବ ବୋଲି ଧମକ ଦେଇ ପୋଲିସ ଫୋର୍ସ ମାଧ୍ୟମରେ ଶ୍ରମିକମାନଙ୍କୁ ଉଠାଇ ଦିଆଯାଇଥିଲା। ପୋଲିସର ଲାଠି ଭୟରେ ଧାରଣାକାରୀ ଛତ୍ରଭଙ୍ଗ ଦେଇଥିଲେ। ଏ ନେଇ ଏସେଲ ଖଣି କର୍ତ୍ତୃକ୍ଷ କୌଣସି ପ୍ରତିକ୍ରିୟା ଦେବା ପାଇଁ ମନାକରି ଦେଇଥିଲା।

## ରାସ୍ତା ନିର୍ମାଣ ପାଇଁ ଦାବିପତ୍ର

**ଆନନ୍ଦପୁର, ୨୦।୮(ସ୍ୱ.ପ୍ର.)**

ଆନନ୍ଦପୁର ବ୍ଲକ ବାରିଗାଁ ଗ୍ରାମ ଦେଇ ଯାଇଥିବା ୨୦ ନଂ ଜାତୀୟ ରାଜପଥର ସର୍ଭିସ୍ ରୋଡ୍ ନିର୍ମାଣ କରାଯାଉ ନ ଥିବା ସ୍ଥାନୀୟ ମା' ଧନେଇ ସେବା ସଂଘର ସଭାପତି ବିଷ୍ଣୁ ବାରିକଙ୍କ ନେତୃତ୍ୱରେ ଗ୍ରାମବାସୀ ଜିଲାପାଳ ଆଶିଷ ଠାକରେଙ୍କୁ ଏକ ଦାବି ପତ୍ର ପ୍ରଦାନ କରିଛନ୍ତି। ଜାତୀୟ ରାଜପଥ ନିର୍ମାଣକାରୀ ଠିକା ସଂସ୍ଥା ରାସ୍ତା ନିର୍ମାଣ କାର୍ଯ୍ୟ ଶେଷ କରିଥିଲେ ସୁଦ୍ଧା ସର୍ଭିସ୍ ରୋଡ୍‌କୁ ଅଦ୍ୟାବଧି ନିର୍ମାଣ କରୁ ନ ଥିବାରୁ ଗ୍ରାମବାସୀ ନାନା ସମସ୍ୟାର ସମ୍ମୁଖିନ ହୋଇଆସୁଛନ୍ତି। ବିଦ୍ୟାଳୟକୁ ଯାତାୟାତ କରିବାରେ ଛାତ୍ରୀଛାତ୍ର ସମସ୍ୟାର ସମ୍ମୁଖିନ ହେଉଛନ୍ତି। ଗ୍ରାମକୁ ଯାନବାହନ ଯାତାୟାତ କରିପାରୁନି। ବର୍ଷା ଦିନରେ ଗ୍ରାମକୁ ପଡିଏସ୍ ସାମଗ୍ରୀ ପହଞ୍ଚିବାରେ ସମସ୍ୟା ଉପୁଜୁଛି। ଏ ନେଇ ବାରମ୍ବାର ଜିଲା ପ୍ରଶାସନଠାରୁ ଆରମ୍ଭ କରି ସ୍ଥାନୀୟ ପ୍ରଶାସନିକ ଅଧିକାରୀଙ୍କ ନିକଟରେ ଅଭିଯୋଗ କରାଯାଇଥିଲେ ବି କାର୍ଯ୍ୟାନୁଷ୍ଠାନ ଶୂନ ପାଲଟିଛି।

## ଚାରାରୋପଣ ପାଇଁ ସଚେତନତା ବାର୍ତ୍ତା

**କେନ୍ଦୁଝର, ୨୦।୮(ସ୍ୱ.ପ୍ର)**

ସ୍ଥାନୀୟ ଡି.ଏନ. ହାଇସ୍କୁଲର ସ୍କାଉଟ ମାଷ୍ଟର ତଥା ପ୍ରକୃତିପ୍ରେମୀ ବିଜୟ କୁମାର ବେହେରାଙ୍କ ନେତୃତ୍ୱରେ ଗଛଟିଏ ପାଇଁ ସାଥୀଟିଏ ଅଭିଯାନରେ ପରିବେଶ ସଚେତନତା ସୃଷ୍ଟି କରାଯାଇଛି। ଏଥିସହ ଚାରା ବଣ୍ଟନ କାର୍ଯ୍ୟକ୍ରମ ଆରମ୍ଭ ହୋଇଥିଲା। ବୃକ୍ଷ ଆମର ପ୍ରକୃତ ବନ୍ଧୁ ସଚେତନତା ବାର୍ତ୍ତା ଦିଆଯାଇଥିଲା। ସ୍କାଉଟମାନେ ଘର ଘର ବୁଲି ବୃକ୍ଷର ଉପକାରିତା ସମ୍ପର୍କରେ ଲୋକଙ୍କୁ ବୁଝାଇଥିଲେ। ପରେ ଗୋଟିଏ ଲେଖାଏ ଚାରା ବଣ୍ଟନ କରିଥିଲେ। ଏଭଳି କାର୍ଯ୍ୟକ୍ରମକୁ ଅଭିଭାବକମାନେ ବେଶ୍ ପ୍ରଶଂସା କରିଥିଲେ। କାର୍ଯ୍ୟକ୍ରମ ସ୍କାଉଟ ଛାତ୍ର ଅବିନାଶ ବେହେରା, ବିଶ୍ୱଜିତ ଝରା, ଶୁଭମ ଗୁଇଁ, ପ୍ରିୟାଂଶୁ ନାଏକ, ସୌମ୍ୟ ଲୋଚନା ସାହୁ, ସାଗର ନାଏକ, ଲମ୍ବୋଧର ପାତ୍ର, ତ୍ରିଲୋଚନ ଜେନା, ରୋହିତ ଜେନା, ପଙ୍କଜ ମହାନ୍ତି, ଧନେଶ୍ୱର ତିରିଆ, ସମିକ୍ ଶର୍ମା, ମହାରାଜା ନାଏକ ପ୍ରମୁଖ ଅଭିଯାନରେ ସାମିଲ ଥିଲେ। ଆଗାମୀ ଛୁଟି ଦିବସରେ ଏଭଳି କାର୍ଯ୍ୟକ୍ରମ ଜାରି ରହିବ ବୋଲି ସ୍କାଉଟ ମାଷ୍ଟର ବେହେରା ପ୍ରକାଶ କରିଛନ୍ତି।

## ଦାବିପୂରଣ ନ ହେଲେ ଆନ୍ଦୋଳନ




ରାଲିରେ ସାମିଲ ହୋଇଥିବା ଗ୍ରାମରକ୍ଷୀ।

**କେନ୍ଦୁଝର, ୨୦।୮(ସ୍ୱ.ପ୍ର)**

ନିଖିଳ ଉତ୍କଳ ଗ୍ରାମରକ୍ଷୀ ସଂଘ ପକ୍ଷରୁ ୬ ଦଫା ଦାବିକୁ ନେଇ ଆନ୍ଦୋଳନକୁ ଓହ୍ଲାଇଛନ୍ତି। ଏ ନେଇ ସୋମବାର ଏକ ଶୋଭାଯାତ୍ରାରେ ବାହାରି ଟାଉନ ଥାନା ଅଧିକାରୀଙ୍କ ଜରିଆରେ ମୁଖ୍ୟମନ୍ତ୍ରୀଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ବିଭିନ୍ନ ଦାବି ମଧ୍ୟରେ ମାସିକ ବେତନ ୯୩୦୦ ଟଙ୍କା ପ୍ରଦାନ ସହ ସମସ୍ତ ସରକାରୀ ଚାକିରିର ସୁବିଧା, ସେମାନଙ୍କୁ ଗ୍ରାମରକ୍ଷୀ ବଦଳରେ ଗ୍ରାମ ପୋଲିସର ମାନ୍ୟତା, ଉନ୍ନତମାନର ତାଲିମ ସହ ସରକାରଙ୍କ ପକ୍ଷରୁ ମିଳୁଥିବା ସମସ୍ତ ଅନୁଦାନ ଯଥା ଚାକିରି ସମୟରେ ମୃତ୍ୟୁବରଣ କଲେ ୧୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ, ଓଡ଼ିଶାରେ ଖାଲିଥିବା ସମସ୍ତ ଗ୍ରାମରକ୍ଷୀ ପଦବୀ ପୂରଣ ଆଦି ରହିଛି।
୨୧ ମାର୍ଚ୍ଚ ୨୦୧୭ରେ ଉଚ୍ଚ ନ୍ୟାୟାଳୟ ଏକ ରିଟ ପିଟିଶନର ଶୁଣାଣି କରି ଦେଇଥିବା ରାୟକୁ ୪ ମାସ ମଧ୍ୟରେ ପୂରଣ କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲେ ହେଁ ଅଦ୍ୟାବଧି ପୂରଣ କରାଯାଇ ନ ଥିବା ଅଭିଯୋଗ କରିଛନ୍ତି। ଏ ନେଇ ଦାବି ପୂରଣ କରା ନ ଗଲେ ଆସନ୍ତା ସେପ୍ଟେମ୍ବର ୧୦ରେ ବିଧାନସଭା ଆଗରେ ଧାରଣାରେ ବସିବେ ବୋଲି ଚେତାବନୀ ଦେଇଛନ୍ତି।

## ଫୁଟବଲ୍ ଟୁର୍ନାମେଣ୍ଟ: ରତିଆପଡ଼ା ଚାମ୍ପିୟନ

**ଢେଙ୍କିକୋଟ, ୨୦।୮(ଡି.ଏନ.ଏ.)**



ଖେଳରେ ଯୋଗ ଦେଇଥିବା ଫୁଟବଲ ଖେଳାଳି।

ଘଟଗାଁ ବ୍ଲକ ଭୋଲବେଡ଼ା ପଞ୍ଚାୟତ ଆମୁଆ ପଡ଼ା ଗ୍ରାମରେ ନବଜ୍ୟୋତି କ୍ଲବ ଆନୁକୂଲ୍ୟରେ ୫ମ ବାର୍ଷିକ କେଶବ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ପଞ୍ଚାୟତ ସମିତି ସଭ୍ୟ ପର୍ଶୁରାମ ନାୟକଙ୍କ ଦ୍ୱାରା ଉଦ୍‌ଘାଟିତ ହୋଇଥିଲା। ଟୁର୍ନାମେଣ୍ଟରେ ୬୪ଟି ଆଞ୍ଚଳିକ ଫୁଟବଲ ଦଳ ଅଂଶଗ୍ରହଣ କରିଥିଲେ। ଉଦ୍‌ଯାପନୀରେ ଫାଇନାଲ ଖେଳ ରୁଢ଼ିଅପଡ଼ା ଦଳ ସହ ଝାରକାଣୀବେଡ଼ା ମଧ୍ୟରେ ହୋଇଥିଲା। ରୁଢ଼ିଅପଡ଼ା ଫୁଟବଲ ଦଳ ଚାମ୍ପିୟନ ହୋଇଥିଲା। ଝାରକାଣୀ ବେଡ଼ା ରନର୍ସଅପ୍ ହୋଇଥିଲା। ରେଫରୀ ରାୟାଧର ନାୟକ, ଯଶୋବନ୍ତ ମହାନ୍ତ ଖେଳକୁ ପରିଚାଳନା କରିଥିଲେ । ତାଙ୍କୁ ଲାଇନ୍‌ମ୍ୟାନ୍ ଭାବେ ସାହାଯ୍ୟ କରିଥିଲେ ଲିଙ୍ଗରାଜ ମହାନ୍ତ, ରମେଶ ଚନ୍ଦ୍ର ମହାନ୍ତ, ସନ୍ତୋଷ ନାୟକ ଏବଂ ଜଗବନ୍ଧୁ ମହାନ୍ତ। ଉଦ୍‌ଯାପନୀରେ ମୁଖ୍ୟ ଅତିଥି ଭାବେ ଭୋଲବେଡ଼ା ପଞ୍ଚାୟତର ସମିତି ସଭ୍ୟ– ପର୍ଶୁରାମ ନାୟକ, ମୁଖ୍ୟବକ୍ତା ଶିକ୍ଷକ ମହେଶ୍ୱର ମହାନ୍ତ, ସମ୍ମାନିତ ଅତିଥି ଖବରଦାତା ନୀଳମଣି ମଣ୍ଡଳ, ଜଗନ୍ନାଥ ମହାନ୍ତ, ସରପଞ୍ଚ ଗଣେଶ୍ୱର ନାଏକ ଯୋଗ ଦେଇଥିଲେ।
ସଭାରେ ନବଜ୍ୟୋତି କ୍ଲବର ସଭାପତି ରଜତ କୁମାର ନାୟକ ସଭାପତିତ୍ୱ କରିଥିଲେ। ସମ୍ପାଦକ ସନ୍ତୋଷ କୁମାର ନାୟକ ସଭା ପରିଚାଳନା କରିଥିଲେ। କୋଷାଧ୍ୟକ୍ଷ ଯଶୋବନ୍ତ ମହାନ୍ତ ବାର୍ଷିକ ବିବରଣି ପାଠ କରିଥିଲେ। ସରପଞ୍ଚ ବିଜୟ କୁମାର ନାଏକ ଏବଂ ଲମ୍ବୋଦର ମହାନ୍ତ ଖେଳର ଧାରା ବିବରଣୀ ଦେଇଥିଲେ। ଚାମ୍ପିୟନ ଦଳକୁ ନଗଦ ୧୦ ହଜାର ଟଙ୍କା ପ୍ରଦାନ କରାଯାଇଥିଲା। ରନର୍ସଅଫ ଦଳକୁ ୭ ହଜାର ଏବଂ ସେମିଫାଇନାଲ ଖେଳିଥିବା ଲକ୍ଷ୍ମୀପଶିକୁ ୪ ହଜାର, ଓ ଖଜୁରୀପଦ ଦଳକୁ ୩ ହଜାର ଟଙ୍କା ପ୍ରଦାନ କରାଯାଇଥିଲା।

## ଡିପ୍ଲୋମା ଇଞ୍ଜିନିୟରିଂ ସଂଘର ଆନ୍ଦୋଳନ ନିଷ୍ପତ୍ତି

**କେନ୍ଦୁଝର, ୨୦।୮(ସ୍ୱ.ପ୍ର)**

ଓଡ଼ିଶା ଡିପ୍ଲୋମା ଇଞ୍ଜିନିୟରିଂ ସଂଘ କାନୁପୁର ଡିଭିଜିନାଲ କମିଟି ପକ୍ଷରୁ ରବିବାର ପ୍ରସ୍ତୁତି ବୈଠକ ଅନୁଷ୍ଠିତ ହୋଇଥିଲା। ଡିପ୍ଲୋମା ଇଞ୍ଜିନିୟରଙ୍କ ପ୍ରତି ସରକାରଙ୍କ ବୈମାତୃକ ମନୋଭାବ ପ୍ରତିବାଦରେ କାର୍ଯ୍ୟବନ୍ଦ ଆନ୍ଦୋଳନ କରିବାକୁ ନିଷ୍ପତ୍ତି ହୋଇଛି। ଡିପ୍ଲୋମା ଇଞ୍ଜିନିୟରଙ୍କ ମୂଳ ନିଯୁକ୍ତି ପଦବୀ ସହକାରୀ ଯନ୍ତ୍ରୀ କରିବା ଓ ପଦୋନ୍ନତୀ ହାର ଶତକଡା ୫୦ ପ୍ରତିଶତକୁ ବୃଦ୍ଧି, ପଞ୍ଚାୟତରାଜ ବିଭାଗର ସମସ୍ତ ଜିପିଟିଏ ଓ କନିଷ୍ଠ ଯନ୍ତ୍ରୀ–୨ଙ୍କୁ ନିୟମିତ କନିଷ୍ଠ ଯନ୍ତ୍ରୀ କରିବା ସହ ବର୍ତ୍ତମାନର କନିଷ୍ଠ ଯନ୍ତ୍ରୀମାନଙ୍କୁ ସହକାରୀ ଯନ୍ତ୍ରୀକୁ ପଦୋନ୍ନତୀ କରିବା, ଉପଯୁକ୍ତ ହାରରେ ଆରଏସିପି ପ୍ରଦାନ, କ୍ୟାଡର ପୁନର୍ଗଠନ ହୋଇ ନ ଥିବା ଇଞ୍ଜିନିୟରିଂ ବିଭାଗରେ କ୍ୟାଡର ପୁନର୍ଗଠନ କରିବା, ଓ କୃଷି, ମେକାନିକାଲ ବିଭାଗରେ ନିଯୁକ୍ତ ଡିପ୍ଲୋମା ଇଞ୍ଜିନିୟର କ୍ୟାଡରଙ୍କୁ ଉପଯୁକ୍ତ ନ୍ୟାୟ ପ୍ରଦାନ କରିବା ଆଦି ଦାବିରେ ଆନ୍ଦୋଳନ ଡାକରା ଦିଆଯାଇଛି।
କାନପୁର ଡିଭିଜନନାଲ କମିଟିର ସାଧାରଣ ସମ୍ପାଦକ ଇଂ ମନୋରଞ୍ଜନ ମିଶ୍ର ଉପସଭାପତି ପ୍ରଦୀପ୍ତ କୁମାର ମହାନ୍ତି, ଉପଦେଷ୍ଟା ଇଂ ବିଜୟ କୁମାର ସେଠୀ ପ୍ରମୁଖ ବୈଠକରେ ସାମିଲ ହୋଇଥିଲେ। କମିଟିର ଶତାଧିକ ଇଞ୍ଜିନିୟର ଆନ୍ଦୋଳନରେ ସାମିଲ ହେବେ ବୋଲି ସଂଘ ପକ୍ଷରୁ କୁହାଯାଇଛି।

## ସରସ୍ୱତୀ ବିଦ୍ୟାମନ୍ଦିରରେ ବିଜ୍ଞାନ ମେଳା

**ରାଇସୁଆଁ,୨୦।୮(ଡି.ଏନ.ଏ.)**

କେନ୍ଦୁଝର ଜିଲା ସଦର ବ୍ଲକ ରାଇସୁଆଁ ସରସ୍ୱତୀ ବିଦ୍ୟାମନ୍ଦିରରେ ଗତ ଶନିବାର ବିଜ୍ଞାନମେଳା ଅନୁଷ୍ଠିତ ହୋଇଯାଇଛି। ବିଜ୍ଞାନ ମେଳାରେ ମୁଖ୍ୟ ଅତିଥି ଭାବେ କବିତ୍ରା ବଳଦେବଜୀଉ ଉଚ୍ଚବିଦ୍ୟାଳୟର ପ୍ରଧାନ ଶିକ୍ଷକ ମନୋରଞ୍ଜନ ସାହୁ ଯୋଗ ଦେଇଥିଲେ। ପ୍ରଧାନ ଶିକ୍ଷକ ଲଳିତ ମହାନ୍ତ, ଜିତେନ୍ଦ୍ର ମହାନ୍ତ, ଜ୍ୟୋର୍ତିମୟୀ ମିଶ୍ରଙ୍କ ସହ ଗୁରୁଜୀ ଦିବାକର ଦଣ୍ଡସେନା, ବୀରେନ୍ଦ୍ର ବାରିକଙ୍କ ସହ ବିଦ୍ୟାଳୟର ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ କାର୍ଯ୍ୟକ୍ରମ ପରିଚାଳନାରେ ସହେଯାଗ କରିଥିଲେ।

## ଚମ୍ପୁଆରେ ଗଡ଼ିଲା କୃଷି ସଚେତନତା ରଥ

**ଚମ୍ପୁଆ, ୨୦।୮(ଡି.ଏନ.ଏ.)**

ଚମ୍ପୁଆ ନିୟନ୍ତ୍ରିତ ବଜାର କମିଟି ପକ୍ଷରୁ ଚାଷୀଙ୍କୁ ଉତ୍ପାଦିତ ଧାନର ବିକ୍ରୟ ପାଇଁ ସଚେତନତା ରଥକୁ ଉପଜିଲାପାଳ ପାରୁଲ ପଟାୱରୀ ଉଦ୍‌ଘାଟନ କରିଛନ୍ତି। ଉତ୍ସବରେ ସହକାରୀ ଜିଲାପାଳ ସପନ କୁମାର ସାହୁ, ନିହାର ରଞ୍ଜନ ମିଶ୍ର, ଅତିରିକ୍ତ ଯୋଗାଣ ଅଧିକାରୀ ମଙ୍ଗଳ ସିଂ, ଜନାର୍ଦ୍ଦନ ପୃଷ୍ଟି ପ୍ରମୁଖ ଉପସ୍ଥିତ ଥିଲେ। ଧାନ ବିକ୍ରୟ କରିବାକୁ ପଞ୍ଜିକରଣ ବାଧ୍ୟତାମୂଳକ। ପ୍ରକୃତ ଚାଷୀ, ଭାଗ ଚାଷୀ ମଧ୍ୟ ପଞ୍ଜିକରଣ କରିବା ବାଧ୍ୟତାମୂଳକ। ନୂତନ ପଞ୍ଜିକରଣ ଓ ନବୀକରଣ ନିକଟସ୍ଥ ଲ୍ୟାମ୍ପରେ କରେଇବାକୁ ସୂଚନା ଦିଆଯାଇଛି।

■ ଗ୍ରାମାଞ୍ଚଳ ଫୁଟବଲ ଟୁର୍ନାମେଣ୍ଟ

## ଚିମିଳା ଚାମ୍ପିୟନ

**ଚମ୍ପୁଆ, ୨୦।୮(ଡି.ଏନ.ଏ.)**

ସାଗେନ ସାକାମ ଆଦିବାସୀ ସଙ୍ଗଠନ ପକ୍ଷରୁ ଚମ୍ପୁଆ ବ୍ଲକ କଇଁତା ଗ୍ରାମଠାରେ ଗ୍ରାମାଞ୍ଚଳ ୨ୟ ଫୁଟବଲ ପ୍ରତିଯୋଗିତା ଉଦ୍‌ଯାପିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମହେଶ୍ୱର ଦାସ, ମୁଖ୍ୟବକ୍ତା ପୂର୍ବତନ ଖେଳାଳି ଗୋବର୍ଦ୍ଧନ ଖିଲାର, ସମ୍ମାନିତ ଅତିଥି ପବିତ୍ର ନାଏକ, ଦୀପକ ନାଏକ, ରାଜେନ୍ଦ୍ର ସାଏଁ, ସୁଦର୍ଶନ ଚାତାର, ରଞ୍ଜନ ମହାନ୍ତ ଓ ସୁଶିଲ ମହାନ୍ତ ପ୍ରମୁଖ ଯୋଗ ଦେଇଥିଲେ। ୩୨ ଦଳକୁ ନେଇ ୨ଦିନ ଧରି ପ୍ରତିଯୋଗିତା ହୋଇଥିଲା। ଫାଇନାଲ ଖେଳରେ ଚିମିଳା ଏବଂ ଜଡିପଦା ମଧ୍ୟରେ ଅନୁଷ୍ଠିତ ହୋଇଥିଲେ ହେଁ ଉଭୟ ଦଳ ଗୋଲ କରି ନ ପାରିବାରୁ ଶେଷରେ ଭାରତୀୟ ମୁଦ୍ରାର ସହାୟତାରେ ଚିମିଳା ଦଳକୁ ଚାମ୍ପିୟନ ଘୋଷଣା କରାଯାଇଥିଲା। ମୁଖ୍ୟ ଅତିଥି ଚାମ୍ପିଅନ ଦଳକୁ ବିଜୟ ଟ୍ରଫି ଓ ପୁରସ୍କାର ରାଶି ପ୍ରଦାନ କରିଥିଲେ। ରନର୍ସଅପ ଦଳକୁ ମୁଖ୍ୟବକ୍ତା ପୁରସ୍କୃତ କରିଥିଲେ। ଟୁର୍ନାମେଣ୍ଟକୁ ସାଗେନ ସାକାମ ଆଦିବାସୀ ସଙ୍ଘ ସମ୍ପାଦକ ଗୌରଚନ୍ଦ୍ର ମୁଣ୍ଡା ପରିଚାଳନା କରିଥିଲେ।



ପ୍ରତିଯୋଗିତାରେ ଭାଗ ନେଇଥିବା ଖେଳାଳି।

# ଶୁଣୁନି ପ୍ରଶାସନ, ହଟୁନି ଗରିବୀ

**କେନ୍ଦୁଝର, ୨୦।୮(ସ୍ୱ.ପ୍ର)**



ଗୁମୁରା ଗ୍ରାମର ନାଏକ ସାହି ରାସ୍ତା।

**ଦୀପତଳ ଅନ୍ଧାର**
■ମୌଳିକ ସୁବିଧା ସାତସପନ
■ଅନ୍ଧାରରେ ବିତୁଛି ଜୀବନ
■ଗାଁ ରାସ୍ତା ଶୋଚନୀୟ

କେନ୍ଦୁଝର ସହରକୁ ଲାଗି ରହିଛି ଗୁମୁରା ଗ୍ରାମ। ସଦର ବ୍ଲକ ମଣ୍ଡୁଆ ପଞ୍ଚାୟତର ଉକ୍ତ ଗ୍ରାମ ଦୀପ ତଳ ଅନ୍ଧାର ପରି ରହିଛି। ଜିଲା ମୁଖ୍ୟାଳୟଠାରୁ ୨ କିମି ଦୂରରେ ରହିଥିଲେ ଗ୍ରାମର ବିକାଶ ହୋଇପାରୁନି। ୪ କି.ମି. ଯିବା ପରେ ଲୋକେ ପଞ୍ଚାୟତରୁ ଚାଉଳ, ଭତା ଆଣିଥାନ୍ତି। ସହରର ଲୋକ ଉକ୍ତ ଗ୍ରାମ ଦେଇ କେନ୍ଦୁଝରଗଡ ରେଳ ଷ୍ଟେଶନକୁ ଯିବା ଆସିବା କରନ୍ତି। ଗ୍ରାମର ସମସ୍ୟା ବୁଝିବାକୁ ପ୍ରଶାସନର ସମୟ ନ ଥିବା ଅଭିଯୋଗ ହେଉଛି। ଉକ୍ତ ଗ୍ରାମରେ ୪ ୱାର୍ଡ ରହିଛି। ତନ୍ମଧ୍ୟରୁ ୨ ନମ୍ବର ୱାର୍ଡର ନାଏକ ସାହିରେ ରହୁଛନ୍ତି ୫୦ ପରିବାର। ଅଧିକାଂଶ ଭୂୟାଁ ଜନଜାତିର ଲୋକ। ସେହି ୱାର୍ଡରେ ଭଲ ରାସ୍ତାଟିଏ ନାହିଁ। ସ୍ୱଚ୍ଛ ଭାରତ ଅଭିଯାନ ଫେଲ ମାରିଛି। ଲୋକେ ଅସ୍ୱାସ୍ଥ୍ୟକର ପରିବେଶରେ ରହୁଛନ୍ତି। ୨ ରୁ ୩ ନମ୍ବର ୱାର୍ଡକୁ ସଂଯୋଗ ରାସ୍ତା ଶୋଚନୀୟ ହୋଇ ପଡ଼ିଛି। ଅଲଗା ରାସ୍ତାରେ ଲୋକେ ଯାତାୟାତ କରୁଥିବା ଗ୍ରାମର ପ୍ରତିମା ଦେହୁରି, ଶାନ୍ତିଲତା ସ୍ୱାଇଁ, କୁଳପି ବେହେରା ପ୍ରମୁଖ କହିଛନ୍ତି। ସେହି ସାହିର ସମସ୍ତ ପରିବାର ଦାରିଦ୍ର୍ୟତା ସୀମାରେଖା ତଳେ ରହୁଛନ୍ତି। ଇନ୍ଦିରା ଆବାସ ବା ବିଜୁଆବାସିକ ଯୋଜନାରେ ଘର ଖଣ୍ଡେ ପାଇ ନ ଥିବା କନ୍ଦର୍ପ ନାଏକ କହିଛନ୍ତି। ଗୋଟିଏ ମାତ୍ର ନଳକୂପ ଅଛି। ପାଣି ପାଇଁ ବହୁ ଅସୁବିଧା ଭୋଗିବାକୁ ପଡୁଛି। ଖରା ଦିନରେ ଜଳ ସମସ୍ୟା ଜଟିଳ ହୋଇପଡେ ବୋଲି ମମତା ମହାନ୍ତ କହିଛନ୍ତି।
ସହର ନିକଟରେ ଥାଇ ମଧ୍ୟ ଅନ୍ଧାରରେ ରାତି କାଟୁଛନ୍ତି। ଏ ନେଇ ଅଭିଯୋଗ କଲେ ମଧ୍ୟ କେହି ଶୁଣୁନାହାନ୍ତି। ଖୁଣ୍ଟ ଅଛି। ତାର ଟଣା ଯାଇଛି। ଘରେ ସୁଇଚ ବୋର୍ଡ ଲାଗିଛି। କିନ୍ତୁ ଆଲୋକ ସଂଯୋଗ କରାଯାଉ ନାହିଁ। ରକ୍ଷଣାବେକ୍ଷଣା ଅଭାବରୁ ବହୁ ପୁରାତନ ରାଧାକୃଷ୍ଣ ମନ୍ଦିରକୁ ଅନୁଦାନ ମିଳୁନି। ଏ ନେଇ ମିଠେଇ ନାଏକ, ସୀତା ଦେହୁରି, ଚାନ୍ଦିନୀ ନାଏକ, ବୀଣା ନାଏକ ସମେତ ଅନ୍ୟମାନେ ବିଧବା ଭତ୍ତା ପାଉ ନ ଥିବା କହିଛନ୍ତି। ବିଲେଇ ନାଏକ, କାନ୍ତ ନାଏକ, ରଘୁ ନାଏକ, ଶୀତାନାଥ ଦେହୁରି, ନଳିନୀ ଦେହୁରି, ଗୌରାଙ୍ଗ ନାଏକ ବାର୍ଦ୍ଧକ୍ୟ ଭତ୍ତା ପାଉ ନ ଥିବା ଅଭିଯୋଗ କରିଛନ୍ତି। ସାହିର ୧୦ରୁ ଊର୍ଦ୍ଧ୍ୱ ଗରିବ ପରିବାର ରାଶନ କାର୍ଡ ପାଇନାହାନ୍ତି। ଗ୍ରାମରେ ଏକାଧିକ ମହିଳା ସ୍ୱୟଂ ସହାୟିକା ଗୋଷ୍ଠୀ ରହିଛନ୍ତି। ଉପଯୁକ୍ତ ପ୍ରୋତ୍ସାହନ ଓ ସହାୟତା ମିଳିଲେ ଅଧିକ ସ୍ୱାବଲମ୍ବୀ ହୋଇ ପାରନ୍ତେ ବୋଲି ମହିଳାମାନେ କହିଛନ୍ତି। ଗୁମୁରା ଗ୍ରାମକୁ ପଞ୍ଚାୟତରୁ ଅଲଗା କରାଯାଇ ପୌରାଞ୍ଚଳରେ ଅନ୍ତର୍ଭୁକ୍ତ କରାଯାଉ ନଚେତ ଏଭଳି ପଞ୍ଚାୟତଠାରୁ ଦୂରରେ ଥିବା ଗ୍ରାମ ଘୁଟୁରୁ, ଗୁମୁରା, ଶଙ୍କରପୁର ଆଦି ଗ୍ରାମକୁ ନେଇ ନୂତନ ପଞ୍ଚାୟତ ଗଠନ କରିବାକୁ ଦାବି ହେଉଛି।